NEHRU
BAL PUSTAKALAYA

ସାହସିକତାର କାହାଣୀ

ହରିକୃଷ୍ଣ ଅବସ୍ଥୀ

Digitized by srujanika@gmail.com

ପ୍ରଥମ ପ୍ରକାଶ 1973 (ଶକାବ୍ଦ 1894)
ଚତୁର୍ଥ ମୁଦ୍ରଣ 1989 (ଶକାବ୍ଦ 1910)

© ରଜେନ୍ଦ୍ର ଅବସ୍ଥୀ, 1972

Stories of Valour (Oriya)

ମୂଲ୍ୟ : ଟ 5-00

ଡାଇରେକ୍ଟର, ନ୍ୟାସ୍‌ନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ
ଏ-5, ଗ୍ରୀନ୍ ପାର୍କ, ନୂଆ ଦିଲ୍ଲୀ-110016
କର୍ତ୍ତୃକ ପ୍ରକାଶିତ ।

Digitized by srujanika@gmail.com

ନେହେରୁ ବାଳପୁସ୍ତକାଳୟ

ସାହସିକତାର କାହାଣୀ

ରାଜେନ୍ଦ୍ର ଅବସ୍ଥୀ

ଚିତ୍ରାଙ୍କନ : ଏସ୍. ସେନ୍ ରାୟ

ଅନୁବାଦ : ଶ୍ରୀମତୀ ସ୍ନେହଲତା ରାୟ



ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Digitized by srujanika@gmail.com

ତୀର୍ଥଯାତ୍ରୀ

Digitized by srujanika@gmail.com

ଶ୍ରବଣକୁମାର ତାଙ୍କର ବୃଦ୍ଧ ଅନ୍ଧ ମାତା-ପିତାଙ୍କୁ ରାତି ଭୋଜନ କରାଇ, ତାଙ୍କର ସେବା ଦେଲେ। ସେମାନେ ଶୋଇବାକୁ ଗଲାରୁ ସେ ସବୁଦିନ ପରି ତାଙ୍କ ବାପାଙ୍କର ଗୋଡ଼ ଘଷି ବସିଲେ। କଥାଛଳରେ କହିଲେ, "କେତେ ତୀର୍ଥଯାତ୍ରୀ ଦକ୍ଷିଣରୁ ଆସି ପହଞ୍ଚିଛନ୍ତି। ସେମାନେ ଚାରିଆଡ଼େ ତୀର୍ଥମାନ ବୁଲି ଦେଖୁଛନ୍ତି। ଆମ ଗାଁ ବାଟ ଦେଇ ଗଲାବେଳେ କେତେ ସୁନ୍ଦର ଭଜନ କରି ଯାଉଥିଲେ। ତାଙ୍କ ମଧ୍ୟରେ କେତେ ଜଣ ପଙ୍ଗୁ ମଧ୍ୟ ଅଛନ୍ତି।"

ତାଙ୍କର ବାପା ଦୀର୍ଘ ନିଶ୍ୱାସ ଛାଡ଼ି କହିଲେ, "ସେମାନେ ବଡ଼ ଭାଗ୍ୟବାନ। ଆମେ ମଧ୍ୟ ତୀର୍ଥଯାତ୍ରା କରିବାକୁ ଚାହୁଁଥିଲୁ, କିନ୍ତୁ ଭଗବାନ ଆମର ଦୃଷ୍ଟିଶକ୍ତି ନେଇଗଲେ।"

"ଭଗବାନଙ୍କୁ କାହିଁକି ଦୋଷ ଦେଉଛ ?" ବୁଢ଼ୀ ଆକଟ କରି କହିଲେ। "ଜୀବନରେ ଯାହା ଭଲ ହୋଇଛି ତାର ହିସାବ ରଖିବା ଉଚିତ। ଆମର ଏତେ ଭଲ ପୁଅଟିଏ ଅଛି। ସେଇ ତ ଆମର ଆଖି।"

ଶ୍ରବଣ ସବୁ ଶୁଣି କିଛି କହିଲେ ନାହିଁ। ମନେ ମନେ ଠିକ୍ କଲେ, ସେ ତାଙ୍କର ପିତା-ମାତାଙ୍କର ସବୁଠୁଁ ବଡ଼ ଇଚ୍ଛାକୁ ପୂରଣ କରିବେ। ଯେତେହେଲେ ପୁଅର ତ କର୍ତ୍ତବ୍ୟ ବାପ-ମା'ଙ୍କୁ ତୀର୍ଥ କରାଇବା। ସେ ଏକଥା ମନେ ମନେ ସ୍ଥିର କଲେ, କାହାରିକୁ କହିଲେ ନାହିଁ। ତାଙ୍କ ସ୍ତ୍ରୀଙ୍କୁ ବି ନୁହେଁ; କାରଣ ସେ ଜାଣିଥିଲେ ତାଙ୍କ ସ୍ତ୍ରୀ ଏ କଥା ପସନ୍ଦ କରିବେ ନାହିଁ।

ସେକାଳର ରୀତି ଅନୁସାରେ ତାଙ୍କର ବିବାହ ବାଲ୍ୟାବସ୍ଥାରେ ହୋଇଥିଲା। ସେ ବାରମ୍ବାର ତାଙ୍କର ସ୍ତ୍ରୀଙ୍କୁ କହିଛନ୍ତି—ଅନୁରୋଧ କରିଛନ୍ତି—ତାଙ୍କର ପିତାମାତାଙ୍କର ସେବା-ଯତ୍ନ କରିବାକୁ। କିନ୍ତୁ ସେ ମନ୍ଦ ପ୍ରକୃତିର ସ୍ତ୍ରୀଲୋକ। ଶ୍ରବଣଙ୍କର ଉପସ୍ଥିତିରେ ସେ ଆଦର ଦେଖାଇ ସେମାନଙ୍କର ଦେଖାଶୁଣା କରନ୍ତି; ତାଙ୍କ ପଛରେ ସେମାନଙ୍କ ପ୍ରତି ଭଲ ବ୍ୟବହାର କରନ୍ତି ନାହିଁ। ବୁଢ଼ା-ବୁଢ଼ୀ ବୁଝନ୍ତି କିନ୍ତୁ କେବେହେଲେ କିଛି ଆପତ୍ତି କରନ୍ତି ନାହିଁ; ବରଂ ବୋହୂର ସବୁବେଳେ ପ୍ରଶଂସା କରନ୍ତି।

ପିତା-ମାତାଙ୍କର ତୀର୍ଥଯାତ୍ରା ବିଷୟରେ କଳ୍ପନା କରିବା ଓ ମନେ ମନେ କେମିତି କଣ ଆୟୋଜନ ହେବ, ସବୁ ଠିକ୍ କରିବାକୁ ଶ୍ରବଣଙ୍କ ମନ ବ୍ୟସ୍ତ। ସେ ତାଙ୍କର ବାପା-ମା'ଙ୍କୁ ଏ କଥା ଜଣାଇଲେ ତାଙ୍କ ମନ ସତେ କେତେ ଖୁସି ନ ହେବ ! ସେମାନେ ତାର କେତେ କଷ୍ଟ ହବ ଭାବି ଆପତ୍ତି କରିବେ ନିଶ୍ଚୟ; କିନ୍ତୁ ସେ ସେମାନଙ୍କୁ ମନେଇ ନେଇ ପାରିବେ।

ତା ପରଦିନ ସକାଳେ ତାଙ୍କର କାମ ସରିବା ପରେ ସେ ପାଖରେ ଥିବା ଜଣେ

Digitized by srujanika@gmail.com

ବଢ଼େଇ ପାଖକୁ ଗଲେ । ବଢ଼େଇ ତାଙ୍କୁ ଦେଖି ବହୁତ ଖୁସି ହେଲା । ଶ୍ରବଣଙ୍କର ପିତୃ-ମାତୃଭକ୍ତି ତାଙ୍କୁ ସାରା ଗାଁଟାସାକର ପ୍ରିୟପାତ୍ର କରିଥିଲା ।

ବଢେଇ ପଚାରିଲା, "ମୁଁ ତୋ ପାଇଁ କଣ କରି ଦେବାକୁ ଚାହୁଁଛୁ ପୁଅ ?"

ଶ୍ରବଣ କହିଲେ, "ମୋ ପାଇଁ ଗୋଟିଏ ଭାର ତିଆରି କରି ଦେବ ଯାହାର ଦୁଇ ପାଖରେ ଦୁଇଟି ଟୋକେଇ ଥିବ ।"

ବଢ଼େଇ ଆଶ୍ଚର୍ଯ୍ୟ ହୋଇ ପଚାରିଲା, "କାହିଁ ପାଇଁ ? ଭାର ତୁ କଣ କରିବୁ ?"

"ମୁଁ ମୋର ବାପା-ମା'ଙ୍କୁ ସେଥିରେ ବୋହି ତୀର୍ଥ କରାଇବି । ସେମାନଙ୍କର ବହୁତ ଇଚ୍ଛା ତୀର୍ଥ କରିବା ପାଇଁ । ସେମାନେ ଅନ୍ଧ ଓ ନିଃସହାୟ ।"—ଶ୍ରବଣ ଉତ୍ତର ଦେଲେ ।

ବଢ଼େଇ କହିଲା, "ମୋ କଥା ଶୁଣ ପୁଅ ! ତୁ ବର୍ତ୍ତମାନ ଛୋଟ । ତୁ ବୁଝିପାରୁନୁ, ଏପରି ଯାତ୍ରାରେ କେତେ ବାଧା-ବିଘ୍ନ ଅଛି । କେତେ ପାହାଡ଼, ନଦୀ, ଘନ ଜଙ୍ଗଲ ଦେଇ ଯିବାକୁ ପଡ଼ିବ । ବଣୁଆ ସାପ ଓ ହିଂସ୍ର ଜନ୍ତୁଙ୍କ ସାମନା କରିବାକୁ ପଡ଼ିବ । ତୁ କଣ ଏସବୁ କରିପାରିବୁ ?"

ଶ୍ରବଣ କିନ୍ତୁ ଦୃଢ଼ସଙ୍କଳ୍ପ । ସେ ପ୍ରସନ୍ନ ମନରେ କହିଲେ, "କିଛି ବ୍ୟସ୍ତ ହୁଅ ନାହିଁ ମଉସା ! ଖାଲି ମତେ ଆଶୀର୍ବାଦ କର । ମୁଁ ସେମାନଙ୍କୁ ତୀର୍ଥ କରାଇନେବା ବୋଲି ଠିକଣା କରିନେଇଛି । ମୁଁ ତ କାହାରି କିଛି କ୍ଷତି କରିନାହିଁ; ମୋର କାହିଁକି କିଏ ଅନିଷ୍ଟ କରିବ ?"

Digitized by srujanika@gmail.com



ବଢ଼େଇ ତାଙ୍କର ଜିଦ୍ ଦେଖି କହିଲା, "ହଉ, ଉପରଓଳି ଆ, ମୁଁ ଗୋଟିଏ ମଜବୁତ ଭାର ତିଆରି କରି ରଖିଥିବି ।"

ଶ୍ରବଣ ବଢ଼େଇ ପାଖରୁ ଫେରି ଯାତ୍ରା ପାଇଁ ଅନ୍ୟ ସବୁ ଯୋଗାଡ଼ଯନ୍ତ୍ର କରି ଉପରଓଳି ପୁଣି ବଢ଼େଇ ପାଖକୁ ଗଲେ । ଭାର ତିଆରି ହୋଇଯାଇଥିଲା । ବଢ଼େଇ ଆଉଥରେ ଚେଷ୍ଟା କଲା ଶ୍ରବଣଙ୍କୁ ବୁଝାଇବା ପାଇଁ । ଶ୍ରବଣ କିନ୍ତୁ ଅଟଳ; ସେ ଭାର ନେଇ ଘରକୁ ଫେରିଲେ । ବାପା-ମା ଓ ସ୍ତ୍ରୀଙ୍କ ଆଗରେ ତାଙ୍କର ଅଭିପ୍ରାୟ କହିଲେ । ବାପା-ମା ତାଙ୍କର ବହୁତ ଚେଷ୍ଟା କଲେ ଏଥିରୁ କ୍ଷାନ୍ତ କରିବା ପାଇଁ । ଶ୍ରବଣ କିନ୍ତୁ ଦୃଢ଼-ସଙ୍କଳ୍ପ ହୋଇ କହିଲେ, "କିଛି ବ୍ୟସ୍ତ ହୁଅ ନାହିଁ, ମୁଁ ସବୁ ଯୋଗାଡ଼ କରିସାରିଛି ।"

ତା ପରଦିନ ସକାଳୁ ଉଠି ଶ୍ରବଣ ତାଙ୍କର ପିତା-ମାତାଙ୍କୁ ସାହାଯ୍ୟ କଲେ ସଜିଲ ହେବାପାଇଁ । ନିଜ କାମ ସାରି ସେମାନଙ୍କୁ ସେ ଟୋକେଇ ଦୁଇଟିରେ

Digitized by srujanika@gmail.com

ବସାଇ, ଘର କାନ୍ଧେଇ ବାହାରିଲେ । ଗାଁ ଗୋଟାକର ଲୋକ ତାଙ୍କୁ ବିଦାୟ ଦେବାକୁ ଆସିଲେ । ଶ୍ରବଣଙ୍କୁ ସମସ୍ତେ ପ୍ରଶଂସା କଲେ ଓ ଆଶୀର୍ବାଦ ଦେଲେ ।

ଆସ୍ତେ ଆସ୍ତେ ଦିନ ବିତି ଚାଲିଲା । ରାସ୍ତା-ଘାଟ ସବୁ ଭିଡ଼ ହୋଇଗଲା । ଯାନ-ବାହନ ଚାଲିବାକୁ ଆରମ୍ଭ କଲା । ଚାରିଆଡ଼େ ଧୂଳି ଉଡ଼ିଲା । ଶ୍ରବଣଙ୍କର କିନ୍ତୁ ଏସବୁ ଆଡ଼େ ନଜର ନାହିଁ । ଘର କାନ୍ଧେଇ ନିଜ ବାଟେ ବାଟେ ଚାଲିଛନ୍ତି । ବାଟୋଇମାନେ ଠିଆ ହୋଇ ତାଙ୍କୁ କାବା ହୋଇ ଚାହିଁ ରହୁଥାନ୍ତି । ଛୋଟ ବାଳକଟିଏ, ତାର କୋମଳ କାନ୍ଧରେ, ଯୋଡ଼ିଏ ବୁଢ଼ା, ଅନ୍ଧ ଲୋକଙ୍କୁ ବୋହି ଏ ଖରାରେ ଚାଲିଛି । ଅନେକଙ୍କ ଆଖିରେ ଲୁହ ଭରିଯାଉଥିଲା ଏ ଦୃଶ୍ୟ ଦେଖି ।

ଦିନ ପରେ ଦିନ—ସପ୍ତାହ—ମାସ ବିତିଚାଲିଲା । ଶ୍ରବଣ ସାରା ଦିନ ଚାଲନ୍ତି; ରାତିରେ ବିଶ୍ରାମ ନିଅନ୍ତି । ଏମିତି ଯାଉ ଯାଉ ଦିନେ ଆସି ଗୋଟିଏ ଘୋର ଜଙ୍ଗଲ ଭିତରେ ପହଞ୍ଚିଲେ । ତାଙ୍କୁ ଭୟ ଲାଗିବା ଦୂରେ ଥାଉ, ସେ ପ୍ରକୃତିର ଏ ମନମୋହନ ଦୃଶ୍ୟ ଦେଖି ଆନନ୍ଦିତ ହେଲେ । ତାଙ୍କର ଚାରିଆଡ଼େ ସବୁଜ ଗଛ-ଲତା ଭରା । ନାନା ରକମର ସୁନ୍ଦର ପକ୍ଷୀ ଉଡ଼ି ବୁଲୁଛନ୍ତି । ତାଙ୍କର ମଧୁର ସଙ୍ଗୀତରେ ଚାରିଆଡ଼ ଭରିଯାଇଛି । ଦୂରରେ ସିଂହର ଗର୍ଜନ ଶୁଣି ଚକିତ ହରିଣୀ ଓ ଠେକୁଆପଲ ସେଇ ବାଟ ଦେଇ ଡେଇଁ ଡେଇଁ ଝାଟିଗଡରେ ନିରାପଦ ଜାଗାକୁ ଧାଇଁଯାଉଛନ୍ତି । ଜୀବ-ଜନ୍ତୁଙ୍କ କଳରବରେ ଜଙ୍ଗଲ ମୁଖରିତ ହୋଇ ଉଠିଲା । ଶ୍ରବଣ ସାହସର ସହିତ ତାଙ୍କ ବାଟେ ବାଟେ ଚାଲିଲେ ।

ରାତି ହେଲା । ଜଙ୍ଗଲ ନିସ୍ତବ୍ଧ । ପକ୍ଷୀମାନେ ତାଙ୍କ ନୀଡ଼ରେ ଓ ଜନ୍ତୁମାନେ ଯେଝା ବାସସ୍ଥାନରେ ଶୋଇଲେ । ଶ୍ରବଣ କିନ୍ତୁ ଜାଗ୍ରତ । ଗଛକୁ ଆଉଜି ଭାବନାରେ ଭୋଳ । ହଠାତ୍ ତାଙ୍କ ବାପାଙ୍କର ନିଦ ଭାଙ୍ଗିଗଲା । ସେ ପାଣି ପିଇବାକୁ ମାଗିଲେ ।

ଶ୍ରବଣ ମାଠିଆ ଉଠାଇ ଦେଖିଲେ ସେଥିରେ ପାଣି ବୁନ୍ଦାଏ ବି ନାହିଁ । ବାପାଙ୍କୁ

Digitized by srujanika@gmail.com

କହିଲେ, "ମାଠିଆ ଖାଲି, ମୁଁ ଯାଇ ଭରିଆଣୁଛି । ପାଖରେ ନିଶ୍ଚୟ ଝରଣା କି ଗାଡ଼ିଆ ଥିବ ।"

ତାଙ୍କ ବାପା ତାଙ୍କୁ ଅନ୍ଧାରରେ ଯିବାକୁ ମନା କରୁଥିଲେ । ତାଙ୍କ ବାପାଙ୍କୁ କେମିତି ଶୋଷରେ ରହିବାକୁ ଦେବେ ? ତାଙ୍କର କଷ୍ଟ ହେବ ଭାବି ସେ ମାଠିଆ ନେଇ ବାହାରି ପଡ଼ିଲେ ପାଣି ସନ୍ଧାନରେ ।

ଯାଉ ଯାଉ ଥିଲ୍‌ଥିଲିଆ ଥଣ୍ଡା ପବନ ଦେହରେ ବାଜିବାରୁ ଶ୍ରବଣ ଜାଣିଲେ ପାଖରେ କୋଉଠି ପାଣି ଅଛି । ଆଉ ଖଣ୍ଡେ ଦୂର ଗଲାରୁ ଝରଣାର କୁଳୁକୁଳୁ ନାଦ ଶୁଣିଲେ ।

Digitized by srujanika@gmail.com

ସେ ଦୌଡ଼ି ଯାଇ ମାଠିଆଟି ପାଣିରେ ବୁଡ଼ାଇଲେ । ମାଠିଆ ଭରିବାକୁ ଲାଗିଲା ଡବଡବ ଶବ୍ଦରେ ।

ହଠାତ୍ କୁଆଡ଼ୁ ଗୋଟିଏ ଶର ସାଇଁ କରି ଆସି ଶ୍ରବଣଙ୍କ ଗ୍ରୀବାରେ ଫୁଟିଗଲା । ତାଙ୍କର ଆର୍ତ୍ତ ବିକଳ ଚିତ୍କାରରେ ଜଙ୍ଗଲ ପ୍ରତିଧ୍ୱନିତ ହୋଇଉଠିଲା । ଏ ଶର ରାଜା ଦଶରଥ ମାରିଥିଲେ । ମାଠିଆରେ ପାଣି ଭରିବାର ଡବଡବ ଶବ୍ଦକୁ ସେ ହାତୀର ପାଣି ପିଇବା ଶବ୍ଦ ମନେକରି, ତଳେ ମାତ୍ର ଡେରି ନକରି ସେହି ଶର ମାରିଥିଲେ ।

ରାଜା ଦଶରଥ ଗଛଡାଳ ଉପରେ ବସିଥିଲେ । ଚିତ୍କାର ଶୁଣି ସେ ଗଛରୁ ଡେଇଁ ପଡ଼ି ଝରଣା ଆଡ଼କୁ ଧାଇଁଲେ । ଦେଖିଲେ, ଗୋଟିଏ ଅତ୍ୟନ୍ତ ସୁନ୍ଦର ଯୁବକ ତଳେ ପଡ଼ି ଛଟପଟ ହେଉଛି । ଗ୍ରୀବା ଭିତରେ ଗଭୀର ଭାବରେ ଶର ବିଦ୍ଧ ହୋଇ ଯାଇଛି । ନିଶ୍ୱାସ ରୁଦ୍ଧ ହୋଇ ଯାଉଛି । ରାଜା ଦୁଃଖରେ ମ୍ରିୟମାଣ ହୋଇପଡ଼ିଲେ । ତାଙ୍କୁ ସବୁ ଅନ୍ଧାର ଦିଶିଲା । ମୁଣ୍ଡ ବୁଲାଇଗଲା ।

ଶ୍ରବଣ କଷ୍ଟରେ ଛଟପଟ ହୋଇ ତାଙ୍କ ବାପା-ମା'ଙ୍କୁ ଖୋଜିବାକୁ ଲାଗିଲେ । ଦଶରଥ ଆଣ୍ଠେଇ ପଡ଼ି ଶ୍ରବଣଙ୍କ ମୁଣ୍ଡ ତାଙ୍କର କୋଳରେ ରଖି, ଧୀରେ, ଯତ୍ନରେ ଶରଟି ଗ୍ରୀବା ଭିତରୁ କାଢ଼ିଲେ । ସାଙ୍ଗେ ସାଙ୍ଗେ ରକ୍ତ ପିଚ୍ ପିଚ୍ ହୋଇ ବାହାରିଲା । ଲୁହଭରା ଆଖିରେ ଦଶରଥ କହିଲେ, "ମତେ ଦୟା କରି କ୍ଷମା କର । ମୁଁ ତୁମକୁ ଭୁଲରେ ହାତୀ ଭାବି ମାରିଲି ।"

ଶ୍ରବଣ ଅତି କଷ୍ଟରେ କହିଲେ, 'ଆପଣ ଜଣେ ରାଜା ପରି ଦିଶୁଛନ୍ତି । ମୋ ପାଇଁ ଅନୁଗ୍ରହ କରି ଗୋଟିଏ ଶ୍ରେଷ୍ଠ କାମ କରି ଦିଅନ୍ତୁ । ମୋର ମାତା-ପିତା ଏହି ଜଙ୍ଗଲରେ ଅଛନ୍ତି । ମୁଁ ତାଙ୍କ ପାଇଁ ପାଣି ନବାକୁ ଆସିଥିଲି । ସେମାନଙ୍କର ତଣ୍ଟି ଶୁଖିଯାଉଥିବ । ତାଙ୍କୁ ମୁନ୍ଦାଏ ପାଣି ପିଇବାକୁ ଦିଅନ୍ତୁ ।"

ଧୀରେ ଧୀରେ ଶ୍ରବଣ ତାଙ୍କର ସବୁ କଥା ଦଶରଥଙ୍କୁ କହିଲେ । ଦୁଃଖରେ ଦଶରଥଙ୍କର ଅନ୍ତର ଭରିଗଲା । 'କାହିଁକି ଏଡ଼େ କୋମଳ ପ୍ରାଣ, କର୍ତ୍ତବ୍ୟପରାୟଣ ପୁଅ ମୋର ହାତରେ ମଲା ?' ଦଶରଥ ଏଇ କଥା ଭାବି ଭାବି ନିଜକୁ ଧିକ୍କାର କଲେ ।

"ଆଉ ସମୟ ନଷ୍ଟ କରନା । ଶୀଘ୍ର ପାଣି ନେଇ ମୋ ବାପା-ମା'ଙ୍କୁ ଦିଅ"—କହୁ କହୁ ଶ୍ରବଣ ମରିଗଲେ ।

Digitized by srujanika@gmail.com

ଦଶରଥ ଶ୍ରବଣଙ୍କ ଦେହକୁ କାନ୍ଧରେ ପକାଇ, ହାତରେ ପାଣିମାଠିଆ ନେଇ ତାଙ୍କ ପିତା-ମାତାଙ୍କୁ ଖୋଜିବାକୁ ବାହାରିଲେ ।

ଖୋଜି ଖୋଜି ଶେଷରେ ଦେଖିଲେ ଗଛମୂଳେ କିଏ ଜଣେ ବସିଛନ୍ତି । ପାଦଶବ୍ଦ ଶୁଣି ଶ୍ରବଣଙ୍କର ବାପା-ମା କହିଉଠିଲେ, "ତୁ ତ ବହୁତ ସମୟ ନେଲୁ, ପୁଅ ! ଆମେ ବ୍ୟସ୍ତ ହୋଇ ପଡ଼ିଥିଲୁ, କାଳେ କଣ ଦୁର୍ଘଟଣା ଘଟିଥିବ ଭାବି । ଦେ, ପିଇବାକୁ ଜଲ୍‌ଦି ପାଣି ଦେ । ଶୋଷରେ ତଣ୍ଡି ଶୁଖିଯାଉଛି ।"

ଦଶରଥଙ୍କର ଛାତି ଧଡ଼ପଡ଼ ହେବାକୁ ଲାଗିଲା । ସେ ଦୁଃଖରେ ମୁହଁ ତଳକୁ ପୋତି ଛିଡ଼ା ହୋଇ ରହିଲେ । କେମିତି ସେ ଶ୍ରବଣଙ୍କର ମୃତ୍ୟୁ ଖବର ତାଙ୍କର ନିଃସହାୟ ଅନ୍ଧ ମାତା-ପିତାଙ୍କୁ ଦେବେ ? ଥରିଲା ହାତରେ ମାଠିଆଟି ବୃଦ୍ଧଙ୍କ ହାତକୁ ବଢ଼ାଇଲେ ।

ବୃଦ୍ଧ କହିଲେ, "କାହିଁକି କିଛି କଥା କହୁନୁ, ପୁଅ ? କଣ ହୋଇଛି ?" ହଠାତ୍ ସନ୍ଦେହୀ ହୋଇ ପଚାରିଲେ, "ତୁ ତ ଶ୍ରବଣ ? ନୁହେଁ କି ?" ବୃଦ୍ଧୀ ସେଇଠୁ କହିଲେ, "କାହିଁକି କଥା କହୁନୁ, ପୁଅ ? ତୁ ତ ପାଖକୁ ଆସୁ ଆସୁ ମତେ ମା, ମା ବୋଲି ଡାକ-ପକାଉ । ଆଜି କଣ ହୋଇଛି ? ତୁ ଯଦି କଥା ନକହୁ ଆମେ ଢୋକେ ବି ପାଣି ପିଇବୁ ନାହିଁ ।"

ଦଶରଥ କଣ କରିବେ ? ବ୍ୟାଭଙ୍ଗା ଗଳାରେ କହିଲେ, "ମୁଁ ମଧ୍ୟ ତୁମ ପୁଅ । ମୋ ନାଁ ଦଶରଥ । ତୁମର ଶ୍ରବଣ········" କଥା ତାଙ୍କ ତଣ୍ଡିରେ ଅଟକିଗଲା ।

ବୃଦ୍ଧୀ ଚିତ୍କାର କରି ଉଠିଲେ, "ଶୀଘ୍ର କହ, ମୋ ଶ୍ରବଣର କ'ଣ ହୋଇଛି ?"

ବୃଦ୍ଧା-ବୃଦ୍ଧୀ ଦୁହେଁ କାନ୍ଦିବାକୁ ଲାଗିଲେ । ପୁତ୍ରହରା ବାପ-ମା'ଙ୍କ ଛାତିଫଟା କାନ୍ଦରେ ଜଙ୍ଗଲ ଥରିବାକୁ ଲାଗିଲା । ଦଶରଥ ତାଙ୍କ ସାମନାରେ ନତମସ୍ତକରେ ଦୋଷୀ ପରି ଛିଡ଼ା ହୋଇ ରହିଲେ ତାଙ୍କ ପାପର କ୍ଷମା ଭିକ୍ଷା କରି । ସେ ଏମାନଙ୍କୁ କଣ କହି ସାନ୍ତ୍ୱନା ଦେବେ ବୁଝି ପାରିଲେ ନାହିଁ । ଶେଷରେ କହିଲେ, "ମୋ ସାଙ୍ଗରେ ଆସ । ମୁଁ ତୁମ-ମାନଙ୍କର ସେବା କରିବି । ଆଜିଠୁଁ ମତେ ତୁମର ପୁଅ ବୋଲି ଭାବ ।"

ବୃଦ୍ଧା-ବୃଦ୍ଧୀ କିନ୍ତୁ ବୁଝିଲେ ନାହିଁ । "ଶ୍ରବଣ ବିନା ଆମର ଜୀବନ ବୃଥା । ତୁମେ ବି ଦିନେ ଏମିତି ଦୁଃଖ-ଯନ୍ତ୍ରଣା ଭୋଗିବ ପୁତ୍ର-ବିଚ୍ଛେଦରେ ।" ଶ୍ରବଣଙ୍କର ମାତା-ପିତା

Digitized by srujanika@gmail.com

ପୁତ୍ର ମରଣ ଦୁଃଖ ସହି ନପାରି ମରିଗଲେ ।

ବହୁ ବର୍ଷ ପରେ ରାମଚନ୍ଦ୍ର ଯେତେବେଳେ ବନବାସକୁ ଗଲେ, ଦୁଃଖ-କାତର ଦଶରଥଙ୍କର ସେଇ ବୁଢ଼ା-ବୁଢ଼ୀ ଦୁଇଜଣଙ୍କର ଅଭିଶାପ-ବାଣୀ ମନେପଡ଼ିଲା;

"ତୁମେ ବି ଦିନେ ଏମିତି ଦୁଃଖଯନ୍ତ୍ରଣା ଭୋଗିବ ପୁତ୍ର-ବିଚ୍ଛେଦରେ ।"

Digitized by srujanika@gmail.com

ଗୁରୁଦକ୍ଷିଣା

ବହୁତ ଦିନ ପୂର୍ବେ 'ଭିଲ'ମାନଙ୍କର ରାଜା ଥିଲେ ହିରଣ୍ୟଧନୁ । ସେ ଅତ୍ୟନ୍ତ ଉତ୍ତମ, ବୀର ଓ ଧର୍ମଶୀଳ ଥିଲେ । ତାଙ୍କୁ ଅନେକ କ୍ଷତ୍ରିୟ ରାଜା ମଧ୍ୟ ସମ୍ମାନ କରୁଥିଲେ । ତାଙ୍କର ଏକମାତ୍ର ପୁତ୍ର ଏକଲବ୍ୟ ମଧ୍ୟ ତାଙ୍କର ପରି ସାହସୀ, ଯୋଦ୍ଧା ଏବଂ ନିଷ୍ଠାପର ଥିଲେ । କୌଣସି କାମର ଭାର ନେଲେ ତାକୁ ପ୍ରାଣପଣ ଦେଇ ପୂରଣ କରନ୍ତି ।

ଦିନେ, ଜଙ୍ଗଲରେ ଏକା

Digitized by srujanika@gmail.com

Digitized by srujanika@gmail.com

ବୁଲୁ ବୁଲୁ ଜଣେ ରାଜକୁମାର ଶିକାରରେ ଆସିଥିବାର ଦେଖିଲେ । ଗୋଟି ଗୋଟି ହୋଇ ଶର ତାଙ୍କର ଲକ୍ଷ୍ୟସ୍ଥଳରେ ବାଜୁଥାଏ । ରାଜକୁମାରଙ୍କ ଶିକାରନିପୁଣତା ଦେଖି ସେ ଅନାଇ ରହିଲେ । ଭାବିଲେ, "ମୁଁ ଯଦି ଏହିପରି ସୁଦକ୍ଷ ଭାବରେ ଶର ମାରିପାରନ୍ତି, ଦୁନିଆଁରେ ବଡ଼ ଶିକାରୀ ହୋଇପାରନ୍ତି ।"

ଏକଲବ୍ୟ ରାଜକୁମାରଙ୍କ ପାଖକୁ ଯାଇ ପଚାରିଲେ, "ଆପଣଙ୍କୁ କିଏ ଧନୁର୍ବିଦ୍ୟା ଶିଖାଇଲା ? ଆପଣଙ୍କ ଗୁରୁ କିଏ ?" ରାଜକୁମାର ତାଙ୍କର ଶିକାର-ଖେଳରେ ବାଧା ପଡ଼ିବାରୁ ବିରକ୍ତ ହୋଇ 'ଗୁରୁ ଦ୍ରୋଣାଚାର୍ଯ୍ୟ' କହିଦେଇ ମୁହଁ ଫେରାଇ ଦର୍ପର ସହିତ ଚାଲିଗଲେ । ଏକଲବ୍ୟ ରାଜକୁମାରଙ୍କର ରୁକ୍ଷ ବ୍ୟବହାରରେ କ୍ଷୁଣ୍ଣ ନ ହୋଇ, ଚିନ୍ତାମଗ୍ନ ହୋଇ ଭାବିବାକୁ ଲାଗିଲେ— 'ମୁଁ ଯଦି ଦ୍ରୋଣାଚାର୍ଯ୍ୟଙ୍କଠାରୁ ଶିକ୍ଷାଲାଭ କରିପାରନ୍ତି, ମୁଁ ମଧ୍ୟ ଶ୍ରେଷ୍ଠ ଧନୁର୍ଦ୍ଧାରୀ ହୋଇପାରନ୍ତି ।'

ଘରେ ପହଞ୍ଚି ସେ ତାଙ୍କ ବାପାଙ୍କୁ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ବିଷୟରେ ପଚାରିଲେ । ତାଙ୍କର ବାପା କହିଲେ, "ଗୁରୁ ଦ୍ରୋଣାଚାର୍ଯ୍ୟ ରାଜଧାନୀରେ ରହି ସମ୍ରାଟ୍ ଧୃତରାଷ୍ଟ୍ରଙ୍କ ପୁତ୍ରମାନଙ୍କୁ ଧନୁର୍ବିଦ୍ୟା ଶିଖାନ୍ତି । ସେ ପୃଥିବୀର ସବୁଠାରୁ ବଡ଼ ଧନୁର୍ଦ୍ଧାରୀ ।"

ଏକଲବ୍ୟଙ୍କ ମନ ଉତ୍ସାହରେ ଭରିଗଲା । ସେ କହିଲେ, "ମୁଁ ମଧ୍ୟ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କଠାରୁ ଧନୁର୍ବିଦ୍ୟା ଶିକ୍ଷା କରିବି ।"

ହିରଣ୍ୟଧନୁ ଚିନ୍ତିତ ହୋଇଗଲେ । ସେ ଜାଣନ୍ତି, ଏ କଥା ସମ୍ଭବ ହୋଇପାରିବ ନାହିଁ । ଦ୍ରୋଣାଚାର୍ଯ୍ୟ କଦାପି ଗୋଟିଏ 'ଭିଲ' ବାଳକକୁ ଶିକ୍ଷା ଦେବାକୁ ରାଜି ହେବେ ନାହିଁ । ସେ କହିଲେ, "ଗୁରୁ ଦ୍ରୋଣାଚାର୍ଯ୍ୟ ତତେ ତାଙ୍କ ଶିଷ୍ୟରୂପେ ଗ୍ରହଣ କରିବେ ନାହିଁ, ପୁଅ ! ତୁ ଏ ଆଶା ତୋ ମନରୁ ପୋଛିପକା ।"

Digitized by srujanika@gmail.com

ଏକଲ୍ୟ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ''କାହିଁକି ?

"କାରଣ ତୁ ଯୋଦ୍ଧାବଂଶର ପୁଅ ନୁହଁ କି କ୍ଷତ୍ରିୟ ନୁହଁ । ଦ୍ରୋଣ କେବଳ କ୍ଷତ୍ରିୟ କୁଳର ଯୁବକମାନଙ୍କୁ ଶିକ୍ଷା ଦିଅନ୍ତି—ବିଶେଷତଃ ରାଜବଂଶର । କିନ୍ତୁ ତୁ ଚିନ୍ତିତ ହୁଅନା । ମୁଁ ତୋପାଇଁ ଏଇଠି ଧନୁର୍ବିଦ୍ୟା ଶିଖିବାର ବ୍ୟବସ୍ଥା କରିଦେବି"—ତାଙ୍କର ବାପା କହିଲେ ।

ଏକଲବ୍ୟ ଏକା ଜିଦ୍ କରି କହିଲେ, "ନାହିଁ, ନାହିଁ, ମୁଁ ଦ୍ରୋଣାଚାର୍ଯ୍ୟଙ୍କ ଛଡ଼ା କାହାରିଠାରୁ ଶିଖିବି ନାହିଁ । ମତେ ତାଙ୍କ ପାଖକୁ ଯିବାକୁ ଦିଅ ।"

ହିରଣ୍ୟଧନୁ ତାଙ୍କ ପୁଅର ଜିଦ୍ ଜାଣିଛନ୍ତି । ସେ ଯାହା ସ୍ଥିର କରିଛି, ତାକୁ ସେଥିରୁ କେହି ଟଳାଇ ପାରିବ ନାହିଁ । ସେ ତାଙ୍କ ପୁଅକୁ ମନେ ମନେ ପ୍ରଶଂସା କଲେ । ସେ ଜାଣନ୍ତି, ଯେକୌଣସି ବିଷୟରେ ନିପୁଣତା ହାସଲ କରିବାକୁ ହେଲେ ସେଥିପାଇଁ ଅଧ୍ୟବସାୟ ଦରକାର । ସେ ଏକଲବ୍ୟଙ୍କୁ ରାଜଧାନୀକୁ ଯିବାପାଇଁ ଅନୁମତି ଦେଲେ ।

ତା ପରଦିନ ଏକଲବ୍ୟ ରାଜଧାନୀକୁ ବାହାରିପଡ଼ିଲେ । ତାଙ୍କର ମନ ଉତ୍ସାହ ଓ ଆନନ୍ଦରେ ଭରି । ଏତେ ଲମ୍ବା ଯାତ୍ରାର ଶ୍ରାନ୍ତି ବା ପଥଚଲାର କ୍ଳାନ୍ତି ତାଙ୍କୁ ବାଧିଲା ନାହିଁ । ଉତ୍‌ଫୁଲ୍ଲ ମନରେ ଯାଇ ରାଜଧାନୀରେ ପହଞ୍ଚିଲେ । ଦ୍ରୋଣାଚାର୍ଯ୍ୟଙ୍କର ବାସସ୍ଥାନ ଖୋଜି ପାଇଲେ । ତାଙ୍କ କୁଡ଼ିଆ ପାଖରେ ଯାଇ ପହଞ୍ଚିଲେ । ସେତେବେଳେ ଗୁରୁ ଦ୍ରୋଣାଚାର୍ଯ୍ୟ କୁଡ଼ିଆ ଭିତରେ ତାଙ୍କର ଶିଷ୍ୟ ରାଜକୁମାରମାନଙ୍କୁ ଧନୁର୍ବିଦ୍ୟାର ନିୟମ ପ୍ରଣାଳୀ ବୁଝାଉଥିଲେ ।

Digitized by srujanika@gmail.com

Digitized by srujanika@gmail.com

ଶ୍ୟାମାଙ୍ଗ ଏକଲବ୍ୟଙ୍କୁ କୁଟୀର ସାମନାରେ ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ । ରାଜକୁମାର-ମାନେ କାବା ହୋଇ ଭାବିଲେ ଦ୍ୱାରରକ୍ଷୀମାନେ ଏ ଭିଲ୍ ବାଳକକୁ ନ ଅଟକାଇଲେ କପରି ? ତାଙ୍କ ମଧ୍ୟରୁ କେତେକ ତାଙ୍କର ସାହସ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ।

ଦ୍ରୋଣାଚାର୍ଯ୍ୟ ବୁଝିପାରିଲେ, ଏ ଟିକେ ଜଟିଳ ସମସ୍ୟା । ସେ ନରମ ଗଳାରେ ପଚାରିଲେ, "ତୁମେ କିଏ ? ଏଠାକୁ କାହିଁକି ଆସିଛ ? କଣ ତମର ଦର୍କାର ?"

ଏକଲବ୍ୟ ବିଚଳିତ ନହୋଇ ଧୀରଭାବରେ ଦ୍ରୋଣଙ୍କ ପାଖକୁ ଯାଇ ନତମସ୍ତକ ହୋଇ ପ୍ରଣାମ କଲେ । କହିଲେ, "ମୁଁ ଭିଲ୍ ରାଜା ହିରଣ୍ୟଧନୁଙ୍କର ପୁଅ ଏକଲବ୍ୟ । ମୁଁ ଆପଣଙ୍କ-ଠାରୁ ଧନୁର୍ବିଦ୍ୟା ଶିଖିବା ଆଶାରେ ଆସିଛୁ । ମତେ ଆପଣ ଶିଷ୍ୟରୂପେ ଗ୍ରହଣ କରନ୍ତୁ ।"

Digitized by srujanika@gmail.com

ଏକଲବ୍ୟଙ୍କର କଥା ଶୁଣୁ-ନଶୁଣୁଣୁ ରାଜକୁମାରମାନେ ପରିହାସ କରି ହସିଉଠିଲେ । ଏକଲବ୍ୟ ସେମାନଙ୍କ ବିଦ୍ରୂପକୁ ଭ୍ରୂକ୍ଷେପ କଲେ ନାହିଁ । ରାଗରେ ମୁହଁ ନାଲି ହୋଇଯାଉଥିଲେ ମଧ୍ୟ ସେ ପଦେହେଲେ କିଛି କହିଲେ ନାହିଁ ସେମାନଙ୍କୁ । ବିନୟଭରା ଆଖିରେ ଚାହିଁରହିଲେ ଗୁରୁ ଦ୍ରୋଣଙ୍କୁ କେବଳ ।

ଗମ୍ଭୀର ସ୍ୱରରେ ଏକଲବ୍ୟଙ୍କୁ ଚାହିଁ ଦ୍ରୋଣ କହିଲେ, "ଭଲ୍ ରାଜକୁମାର, ମୁଁ ତୁମକୁ

Digitized by srujanika@gmail.com

ମୋର ଶିଷ୍ୟରୂପେ ଗ୍ରହଣ କରିପାରିବି ନାହିଁ । ମୁଁ କ୍ଷତ୍ରିୟକୁଳ ଛଡ଼ା ଅନ୍ୟ କାହାରିକୁ ଶିକ୍ଷା ଦେବି ନାହିଁ । ତୁମେ ଘରକୁ ଫେରିଯାଅ ।"

ଏକଲବ୍ୟ ଏହିପରି ଉତ୍ତର ପାଇବେ ବୋଲି ଜାଣିଥିଲେ । କିନ୍ତୁ ମନେ ମନେ ଭାବିଥିଲେ ଯେ ସେ ଦ୍ରୋଣଙ୍କ ମତ ବଦଳାଇ ପାରିବେ । ସେ ଦୁଃଖଭରା ଭଙ୍ଗାଗଳାରେ କହିଲେ, "ମୁଁ ଶପଥ କରିଛି ଆପଣଙ୍କ ଛଡ଼ା କାହାରିଠୁଁ ଧନୁର୍ବିଦ୍ୟା ଶିଖିବି ନାହିଁ । ମୋର ପଣ ମୁଁ ସଫଳ ନକରି ପାରିଲେ ଘରକୁ ଫେରିବି ନାହିଁ । ମତେ ଆପଣ ଦୟାକରି ଶିଷ୍ୟରୂପେ ଗ୍ରହଣ କରନ୍ତୁ ।" ଦ୍ରୋଣ ତଥାପି ତାଙ୍କର ପ୍ରାର୍ଥନା ରଖିଲେ ନାହିଁ । ଦୁଃଖଭରା ହୃଦୟରେ ଏକଲବ୍ୟ ବାହୁଡ଼ିଲେ । ସେ ହାର ମାନିବାକୁ ନାରାଜ । ରାଜକୁମାରମାନଙ୍କର ବିଦ୍ରୂପମିଶା ହସ ତାଙ୍କ କାନରେ ବାଜିଯାଉଛି । ତାଙ୍କ ମନକୁ ବହୁତ ବାଧୁଛି । ତାଙ୍କ ବାପାଙ୍କର କଥା ମଧ୍ୟ ତାଙ୍କର ମନେପଡ଼ିଲା । ସେ କିନ୍ତୁ ନିଜର ଶପଥ ଭାଙ୍ଗିବେ ନାହିଁ । ମନ ଦମ୍ଭକରି ସେ ତାଙ୍କର ସଙ୍କଳ୍ପ ସ୍ଥିର କରିନେଲେ । ସେ ଠିକଣା କଲେ ଏଇ ଜଙ୍ଗଲରେ ରହିବେ; ଘରକୁ ଫେରିବେ ନାହିଁ । ସେ ଦ୍ରୋଣଙ୍କର ଗୋଟିଏ ମାଟିର ମୂର୍ତ୍ତି ତିଆରି କରି ତା ପାଖରେ ଗୋଟିଏ ଛୋଟିଆ କୁଡ଼ିଆ କରି ସେଇଠି ରହିଲେ ।

ସେଇଠି ଏକା ରହି, ଦ୍ରୋଣଙ୍କର ମୂର୍ତ୍ତିକୁ ଗୁରୁ ଭାବି ସେ ତାଙ୍କର କଠୋର ସାଧନା ଆରମ୍ଭ କଲେ । ସୂର୍ଯ୍ୟୋଦୟକାଳରୁ ସୂର୍ଯ୍ୟାସ୍ତଯାଏ ସେ ଧନୁର୍ବିଦ୍ୟା ଅଭ୍ୟାସ କରିବାକୁ ଲାଗିଲେ ।

ସୂର୍ଯ୍ୟ ଉଠିଲା—ଅସ୍ତ ହେଲା । ରାତି ପରେ ଦିନ ଗଡ଼ିଚାଲିଲା । ଋତୁ ପରେ ଋତୁ ବଦଳିଚାଲିଲା । ବୈଶାଖର ନିଦାଘ ଖରା କି ବସନ୍ତର ସୌନ୍ଦର୍ଯ୍ୟ ତାଙ୍କୁ ତାଙ୍କ ଲକ୍ଷ୍ୟ ଭ୍ରଷ୍ଟ କରାଇ ପାରିଲା ନାହିଁ । କଠିନ ପରିଶ୍ରମ ଓ ନିଷ୍ଠାପରତାର ଫଳ ମିଳିଲା । ସେ ଜଣେ ସୁଦକ୍ଷ ଧନୁର୍ଦ୍ଧାରୀ ହେଲେ ।

ଏହିପରି ଦିନେ ସେ ତାଙ୍କର ଗୁରୁଙ୍କ ମୂର୍ତ୍ତି ଆଗରେ ଧନୁର୍ବିଦ୍ୟା ଅଭ୍ୟାସ କରୁଥିବାବେଳେ ଗୋଟିଏ କୁକୁର କୁଆଡ଼ୁ ଆସି ଭୁକିବାକୁ ଆରମ୍ଭକଲା । ଶବ୍ଦରେ ଏକଲବ୍ୟଙ୍କର ଲକ୍ଷ୍ୟ ବାଧା ପାଇଲା । ସେ ତାକୁ ଘଉଡ଼େଇବାକୁ ଚେଷ୍ଟା କଲେ; କିନ୍ତୁ ସେ କୁକୁର ଗଲା ନାହିଁ । ଏକଲବ୍ୟ ଲକ୍ଷ୍ୟ କରି ତୀର ପରେ ତୀର ବିନ୍ଧି ତାର ପାଟି ସିଇଁଦେଲେ । କୁକୁର ଯନ୍ତ୍ରଣାରେ କୁଁ-କୁଁ ହୋଇ ଦୌଡ଼ିପଳାଇଲା ।

କୁକୁରଟି କୌରବ ଓ ପାଣ୍ଡବ ରାଜକୁମାରମାନଙ୍କର—ସେମାନଙ୍କ ସାଙ୍ଗରେ ଶିକାରକୁ ଆସିଥିଲା । ସେମାନେ କୁକୁରର ଅବସ୍ଥା ଦେଖି ନିଜ ଆଖିକୁ ବିଶ୍ୱାସ କରି ପାରିଲେ ନାହିଁ ।

Digitized by srujanika@gmail.com

କୁକୁରର ପାଟି ଏପରି ନିପୁଣ ଭାବରେ ବନ୍ଦ କରି ପାରନ୍ତି କେବଳ ଜଣେ ଅତ୍ୟନ୍ତ ସୁଦକ୍ଷ ଧନୁର୍ଦ୍ଧାରୀ । ବର୍ତ୍ତମାନ ପର୍ଯ୍ୟନ୍ତ ପୃଥିବୀର ଶ୍ରେଷ୍ଠ ଧନୁର୍ଦ୍ଧାରୀରୂପେ ଅର୍ଜୁନଙ୍କୁ ଗଣାଯାଉଥିଲା । ଏ କୁକୁରକୁ ଦେଖି ମନେ ହେଉଛି ତାଙ୍କଠୁଁ ଅନେକ ଗୁଣ ବଳି ସୁଦକ୍ଷ ଧନୁର୍ଦ୍ଧାରୀର ଏହା କାର୍ଯ୍ୟ ବୋଲି । ରାଜକୁମାରମାନେ କୁକୁରକୁ ନେଇ ଦ୍ରୋଣାଚାର୍ଯ୍ୟଙ୍କ ପାଖକୁ ଗଲେ ।

ଦ୍ରୋଣ କୁକୁରର ଅବସ୍ଥା ଦେଖି ଅବାକାବା ହୋଇଗଲେ । ମନେ ମନେ ଅଜ୍ଞାତ ଧନୁର୍ଦ୍ଧାରୀର ପ୍ରଶଂସା ନ କରି ରହିପାରିଲେ ନାହିଁ । ରାଜକୁମାରମାନଙ୍କୁ ସାଙ୍ଗରେ ନେଇ ସେ ଧନୁର୍ଦ୍ଧାରୀର ସନ୍ଧାନରେ ବାହାରିଲେ । ଏକଲବ୍ୟଙ୍କ ସାଙ୍ଗରେ ଅଚିରାତ୍ ଭେଟ ହେଲା । ଦ୍ରୋଣ ତାଙ୍କୁ ସାଙ୍ଗେ ସାଙ୍ଗେ ଚିହ୍ନି ପାରିଲେ । ଏକଲବ୍ୟଙ୍କ ପାଖକୁ ଯାଇ ସ୍ନେହରେ କହିଲେ, "ବତ୍ସ ! ତୁମେ ଜଣେ ଅତି ଉତ୍ତମ ଧନୁର୍ଦ୍ଧାରୀ । ତୁମର ଗୁରୁ କିଏ ?"

ଏକଲବ୍ୟ ନମ୍ର ହୋଇ କହିଲେ, "ପୂଜ୍ୟ ଦ୍ରୋଣାଚାର୍ଯ୍ୟ ମୋର ଗୁରୁ ।"

"ଦ୍ରୋଣାଚାର୍ଯ୍ୟ !" ଆଶ୍ଚର୍ଯ୍ୟ ହୋଇ ସମସ୍ୱରରେ କହିଉଠିଲେ ରାଜକୁମାରମାନେ ଏବଂ ନିଜେ ଦ୍ରୋଣ ବି ।

"ହଁ, ଦ୍ରୋଣାଚାର୍ଯ୍ୟ" କହି ଏକଲବ୍ୟ ତାଙ୍କ ପ୍ରତିଷ୍ଠିତ ଗୁରୁଙ୍କର ମୂର୍ତ୍ତି ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କଲେ । ତା ପରେ ତାଙ୍କର ସମସ୍ତ କଥା ସେମାନଙ୍କୁ କହିଗଲେ ।

"ତୁମର ଏକନିଷ୍ଠତା ଓ ଅଧ୍ୟବସାୟ ଦେଖି ମୁଁ ବହୁତ ପ୍ରସନ୍ନ ହେଲି ।"—ଦ୍ରୋଣାଚାର୍ଯ୍ୟ କହିଲେ । ସେ ବଡ଼ ଅନୁତପ୍ତ ବୋଧକରୁଥିଲେ ଏପରି ଗୋଟିଏ କୃତୀ ଛାତ୍ରକୁ ଫେରାଇ ଦେଇଥିଲେ ବୋଲି । ହଠାତ୍ ତାଙ୍କର ମନେପଡ଼ିଗଲା, ସେ ଅର୍ଜୁନଙ୍କୁ ଦେଇଥିବା ବଚନ କଥା । ସେ କହିଥିଲେ ଯେ ଅର୍ଜୁନଙ୍କଠାରୁ କେବେହେଲେ କେହି ଧନୁର୍ବିଦ୍ୟାରେ ଉତ୍କୃଷ୍ଟ ହୋଇ ପାରିବେ ନାହିଁ; କିନ୍ତୁ ବର୍ତ୍ତମାନ ତ ଦେଖିଲେ ଏକଲବ୍ୟ ଅର୍ଜୁନଙ୍କଠାରୁ ବଳି ସୁଦକ୍ଷ ଧନୁର୍ଦ୍ଧାରୀ । ସେ ବଡ଼ ବିବ୍ରତ ହୋଇ ପଡ଼ିଲେ । ତାଙ୍କୁ ଗୋଟିଏ ଉପାୟ ଦେଖାଗଲା । ସେ ଏକଲବ୍ୟଙ୍କୁ କହିଲେ, "ତୁମେ ଯେତେବେଳେ ମତେ ଗୁରୁ ମାନି ସାରିଛ, ମୁଁ ତୁମକୁ ମୋର ଶିଷ୍ୟରୂପେ ଗ୍ରହଣ କଲି । ତୁମେ ମତେ, ଗୁରୁ-ଦକ୍ଷିଣା କଣ ଦେବ ?"

"ଆପଣ ଯାହା ଆଦେଶ କରିବେ"—ଏକଲବ୍ୟ ନତମସ୍ତକରେ ଉତ୍ତର ଦେଲେ ।

"ତୁମର ଦକ୍ଷିଣ ହସ୍ତର ବୃଦ୍ଧା ଆଙ୍ଗୁଠିଟି ମତେ ଦିଅ ।"—ଦ୍ରୋଣାଚାର୍ଯ୍ୟ କହିଲେ ।

Digitized by srujanika@gmail.com

ଏ କଥା ଶୁଣି ମୁହୂର୍ତ୍ତକ ପାଇଁ ସମସ୍ତେ ସ୍ତମ୍ଭୀଭୂତ ହୋଇଗଲେ । ଢେଳେ ହେଲେ ଦ୍ୱିଧା ନ କରି ଏକଲବ୍ୟ ତାଙ୍କର ଡାହାଣ ହାତର ବୁଢ଼ାଅଙ୍ଗୁଳିଟି କାଟି ଦ୍ରୋଣାଚାର୍ଯ୍ୟଙ୍କୁ ଅର୍ପଣ କଲେ ।

ତାଙ୍କର ଗୁରୁଭକ୍ତି ଦେଖି ଦ୍ରୋଣାଚାର୍ଯ୍ୟଙ୍କର ଆଖି ଲୋତକପୂର୍ଣ୍ଣ ହୋଇଗଲା । ଶ୍ୟାମଳକାନ୍ତ ଭିଲ ଯୁବକଟିର ମୁଖମଣ୍ଡଳରେ ଖେଳିଗଲା ଏକ ଅପୂର୍ବ ଦୀପ୍ତିମାନ ଆଭା । କୌରବ ଓ ପାଣ୍ଡବ ରାଜକୁମାରମାନେ ନିର୍ବାକ୍, ନିସ୍ପନ୍ଦ ହୋଇ ଛିଡ଼ା ହୋଇ ରହିଲେ ।

Digitized by srujanika@gmail.com

Digitized by srujanika@gmail.com

କୃଷ୍ଣଙ୍କର ବାଲ୍ୟକାଳ

ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ । ମଧ୍ୟ ରାତ୍ର । ବାହାରେ ଘନ ଅନ୍ଧକାର । ଆକାଶରେ କଳା ମେଘ ଘୁରିରହିଛି । ବିଜୁଳି ଝଟକୁଛି । ଘଡ଼ଘଡ଼ି ଶବ୍ଦରେ ଧରଣୀ କମ୍ପି ଯାଉଛି ।

ମଥୁରାର ନଗରବାସୀ ଯେଝା ଘରେ ଯିଏ ଶୋଇଛନ୍ତି । ଏପରି ଭୟଙ୍କର ରାତରେ କିଏବା କାହିଁକି ବାହାରକୁ ବାହାରିବ ? ମଥୁରାର ରାଜା କଂସ କିନ୍ତୁ ବିଚଳିତ । ନିଦ ନାହିଁ, ବିଛଣାରେ ପଡି ଛଟପଟ ହେଉଛନ୍ତି । ଯେବେଠୁଁ ସେ ଭବିଷ୍ୟତ୍-ବାଣୀ ଶୁଣିଲେଣି

Digitized by srujanika@gmail.com

ସେ ତାଙ୍କର ଭଉଣୀ ଦେବକୀଙ୍କ ଅଷ୍ଟମଗର୍ଭରୁ ଜାତ ଶିଶୁ ତାଙ୍କୁ ବିନାଶ କରିବ, ସେଥିପାଇଁ ତାଙ୍କର ଶୋକ, ଶୋଷ, ନିଦ ନାହିଁ । ତାଙ୍କର ଭଉଣୀ ଦେବକୀ ଏବଂ ଭିଣୋଇ ବସୁଦେବଙ୍କୁ ସେ ବନ୍ଦୀ କରି କାରାଗାରରେ ରଖିଛନ୍ତି । ଏଇ କାରାଗାରର କୋଠରି ଭିତରେ ଦେବକୀଙ୍କ ଗର୍ଭରୁ ସାତଟି ପିଲା ଜନ୍ମ ହୋଇ କଂସ ହାତରେ ବଧ ହେଲେଣି । ଯଦିଓ ଅଷ୍ଟମଗର୍ଭ-ଜାତ ଶିଶୁ ତାଙ୍କର ଶତ୍ରୁ, ତଥାପି ସେ ଭୟରେ କୌଣସିଟିକୁ ଛାଡ଼ୁନାହାନ୍ତି । ବର୍ତ୍ତମାନ ଅଷ୍ଟମର ପାଳି । ଦେବକୀ ଗର୍ଭବତୀ ।

କଂସ ଦୁଷ୍ଟ ପ୍ରକୃତିର । ସେ ତାଙ୍କର ବାପା ଉଗ୍ରସେନଙ୍କୁ ବନ୍ଦୀ କରି ସିଂହାସନ ଅଧିକାର କରିଥିଲେ । ଅସଂଖ୍ୟ ହତ୍ୟା ଓ ଅତ୍ୟାଚାରରେ ତାଙ୍କର ହାତ ରକ୍ତରଞ୍ଜିତ । ତାଙ୍କ ରାଜ୍ୟର ପ୍ରତ୍ୟେକ ପ୍ରାଣୀ ଦୁଃଖ ଓ ଅଶାନ୍ତିରେ ସମସ୍ତ କାଟୁଥିଲେ । କଂସଙ୍କର ମନରେ କେବଳ ଗୋଟିଏ ଚିନ୍ତା ଘାରୁଥାଏ—'ମୁଁ ମୋର ନିଜ ଭଉଣୀର ପୁଅ ହାତରେ ମରିବି ।' ତାଙ୍କୁ ଏ କଥା ବିଚଳିତ କରିପକାଉଥାଏ । କେଉଁଥିରେ ତାଙ୍କର ଶାନ୍ତି ନଥାଏ ।

ଅଧରାତି । ରୋହିଣୀ ନକ୍ଷତ୍ର ବେଳାରେ ଦେବକୀଙ୍କ ଅଷ୍ଟମ ଶିଶୁ କୃଷ୍ଣ ଜନ୍ମ ହେଲେ । ହଠାତ୍ କାରାଗାରର ଅନ୍ଧାର କୋଠରି ଅପୂର୍ବ ଆଲୋକରେ ଭରିଗଲା । ଦେବକୀ ବସୁଦେବ

Digitized by srujanika@gmail.com

ଜାଣିପାରିଲେ ତାଙ୍କର ଏ ଶିଶୁ କୌଣସି ସାଧାରଣ ଶିଶୁ ନୁହେଁ । ଏହି ଶିଶୁ ହାତରେ କଂସର ପ୍ରାଣ ଯିବ । ସେମାନେ ଠିକ୍ କରିପାରିଥିଲେ, ସେପରି ହେଉ କଂସର କବଳରୁ ଏହାକୁ ବଞ୍ଚାଇବେ । ବସୁଦେବ ପିଲାଟିକୁ ନେଇ ଗୋଟିଏ ଟୋକେଇରେ ଶୁଆଇଲେ । କାରାଗାରର ଲୁହା କବାଟ ରହସ୍ୟଜନକ ଭାବରେ ସ୍ୱୟଂ ଖୋଲିଗଲା । ବାହାରେ ପ୍ରହରୀମାନେ ଗାଢ଼ ନିଦରେ ଶୋଇଛନ୍ତି । ବସୁଦେବ ଟୋକେଇଟି ନେଇ ଅତି ସନ୍ତର୍ପଣରେ ବାହାରିଗଲେ । ତାଙ୍କର ଯିବା କାହାରିକି ଜଣା ପଡ଼ିଲା ନାହିଁ ।

ଘୋର ଅନ୍ଧାର ରାତି । ମଥୁରାର ବାସିନ୍ଦାମାନେ ଗାଢ଼ ନିଦରେ ଶୋଇଛନ୍ତି । ବସୁଦେବ ଟୋକେଇଟି ମୁଣ୍ଡେଇ ଚାଲିଲେ । ମୂଷଳଧାରାରେ ବର୍ଷା ହେଉଛି । ଆଗକୁ ପାଦେ ଦେଖିବା କଷ୍ଟକର । ଯମୁନା ନଦୀ ବଢ଼ି ପାଣିରେ ଉଛୁଳୁଛି । ବସୁଦେବ କୂଳରେ ପହଞ୍ଚି ଚମତ୍କୃତ ହୋଇ ଦେଖିଲେ ଯମୁନାର ପାଣି କମିଯାଇଛି । ସେ ନଦୀ ପାରହୋଇ ଗୋକୁଳକୁ ଯାଇପାରିଲେ ।

Digitized by srujanika@gmail.com

ଗୋକୁଳରେ ସବୁ ଶୂନ୍‌ଶାନ୍ । ଏପର୍ଯ୍ୟନ୍ତ କେହି ଉଠିନାହାନ୍ତି । ବସୁଦେବ ତାଙ୍କ ବନ୍ଧୁ ନନ୍ଦଙ୍କ ଘରକୁ ଗଲେ । ନନ୍ଦ ସ୍ତ୍ରୀ ଯଶୋଦାଙ୍କର ସଦ୍ୟଜାତ ଶିଶୁ କନ୍ୟାଟିକୁ ନେଇ ବସୁଦେବଙ୍କ ଟୋକେଇରେ ରଖିଲେ ଓ କୃଷ୍ଣଙ୍କୁ ଆଣି ତାଙ୍କ କନ୍ୟାର ଦୋଳରେ ଶୁଆଇ-ଦେଲେ । ବସୁଦେବ ଫେରିଲେ । ଯମୁନାର ପାଣି ସେମିତ କମିରହିଛି—ଯେପରିକ ତାଙ୍କର ଫେରିଲା ବାଟକୁ ଚାହିଁ ରହିଛି । ସେ ନଈ ପାରହୋଇ ଆଉ ଘଟ ବନ୍ଧରେ ଗୋଡ଼ ନଦେଉଣୁ ନଈରେ ପାଣି ହୁ-ହୁ ହୋଇ ମାଡ଼ିଆସିଲା; ଅଳକୂଳ ମାନିଲା ନାହିଁ । କାରାଗାରର କବାଟ ବର୍ତ୍ତମାନ ବି ଖୋଲା । ବସୁଦେବ ଭିତରକୁ ପଶିବାରୁ କବାଟ ପୁଣି ଆପେ ଅପେ ବନ୍ଦ ହୋଇଗଲା । କେହି ଜାଣିପାରିଲେ ନାହିଁ ଯେ ଏତେ କଥା ଘଟିଗଲା ।

ଶିଶୁ କନ୍ୟାଟି ଦେବକୀଙ୍କ କୋଳକୁ ଯାଉ ଯାଉ କୁଆଁ-କୁଆଁ ଶବ୍ଦ କଲା । ପ୍ରହରୀମାନେ ଚମକି ଉଠିଲେ । ଦେବକୀଙ୍କ ଅଷ୍ଟମ-ଶିଶୁ ଜାତ ହେଲା ଜାଣି ପ୍ରହରୀମାନଙ୍କ କୋଳାହଳରେ କାରାଗାର କମ୍ପି ଉଠିଲା ।

ଦଳେ ସୈନ୍ୟ ଧାଇଁଗଲେ କଂସଙ୍କୁ ଖବର ଦେବାକୁ । କଂସ ତାଙ୍କର ଶୋଇବାଘରେ ବ୍ୟସ୍ତ ହୋଇ ଏପାଖ ସେପାଖ ବୁଲୁଥାଆନ୍ତି । ଘଡ଼ିକଘଡ଼ି ଦ୍ୱାରଆଡ଼କୁ ଚାହୁଁଥାଆନ୍ତି ଉଦ୍‌ବେଗ୍ନ ହୋଇ, ତାଙ୍କ ହତ୍ୟାକାରୀର ଜନ୍ମ-ସମ୍ବାଦ ଅପେକ୍ଷାରେ । ସୈନ୍ୟମାନେ ଧଇଁସଇଁ ହୋଇ ଦଉଡ଼ି ଆସି କହିଲେ, "ମହିମା, ମହିମା, ଆପଣଙ୍କ ଭଉଣୀର ଝିଅଟିଏ ହୋଇଛି ।"

କଂସ ତତ୍‌କ୍ଷଣାତ୍ ତାଙ୍କର ଖଣ୍ଡା ଧରି ଖାଲି ପାଦରେ ଧାଇଁଗଲେ କାରାଗାରକୁ । ତାଙ୍କର ମୁହଁ ରାଗରେ ଜଳୁଛି । ପ୍ରହରୀମାନେ କବାଟ ଖୋଲି ପାଖେଇ ଛିଡ଼ାହେଲେ । କଂସ ଦେବକୀଙ୍କ କୋଳରୁ ନବଜାତ ଶିଶୁଟିକୁ ଝାମ୍ପି ଆଣିଲେ । ସେ ତାକୁ ନେଇ ପଥର ଉପରେ ଛେଚିଦେବାକୁ ଗଲାବେଳେ ଶିଶୁଟି ତାଙ୍କ ହାତରୁ ଖସିଯାଇ ଶୂନ୍ୟରେ ଉଡ଼ିଗଲା ଓ କହିଲା, "ପାପୀ କଂସ, ତତେ ଯିଏ ହତ୍ୟା କରିବ ସେ ବଞ୍ଚିଛି ।"

କଂସ ରାଗରେ ଜର୍ଜରିତ ହେଲେ । ସେଦିନ ରାତିରେ ଯେତେ ଶିଶୁ ବ୍ରଜରେ ଜନ୍ମ ହୋଇଅଛନ୍ତି ସେମାନଙ୍କୁ ମାରିଦେବାପାଇଁ ଚାରିଆଡ଼େ ଆଦେଶ ପଠାଇଲେ । ଅନେକ ସ୍ତ୍ରୀ ଓ ପୁରୁଷ ଲୋକଙ୍କୁ ଏହି ଦାୟିତ୍ୱ ଦିଆଗଲା । ସେମାନଙ୍କ ମଧ୍ୟରେ ପୂତନା ରାକ୍ଷସୀ ଥିଲା । ସେ ତା' ଇଚ୍ଛାମତେ ରୂପ ବଦଳାଇପାରୁଥିଲା ।

ହତ୍ୟାକାରୀମାନେ ରାଜ୍ୟର କୋଣ-କୋଣ ବୁଲି ସବୁ ନବଜାତ ଶିଶୁଙ୍କୁ ହତ୍ୟା କଲେ ।

Digitized by srujanika@gmail.com

ନନ୍ଦନବ୍ରୋଳରେ ଅକାଶ ଫାଟିପଡ଼ୁଥାଏ । ପୂତନା ଅନେକ ନିରୀହ ଶିଶୁଙ୍କୁ ହତ୍ୟା କରି ଛଦ୍ମବେଶରେ ଯାଇ ନନ୍ଦଙ୍କ ଘରେ ପହଞ୍ଚିଲା । କୃଷ୍ଣଙ୍କର ଷଠୀ ପୂଜା ପାଳନ କରାଯାଉଥିଲା । ପୂତନା କୃଷ୍ଣଙ୍କୁ ଆଦର କରିବା ଛଳରେ ନେଇ ତାଙ୍କୁ ଦୁଧ ଖୁଆଇବାକୁ ଲାଗିଲା । ପୂତନା ତାର ସ୍ତନରେ ବିଷ ବୋଳିଦେଇଥିଲା । ତୁଆ ସ୍ତନରେ ମୁହଁ ଲଗାଉ ଲଗାଉ କିନ୍ତୁ ବିପରୀତ କଥା ଘଟିଲା । କୃଷ୍ଣ ଏତେ ଜୋରରେ ଦୁଧ ଶୋଷିବାକୁ ଲାଗିଲେ ଯେ ଅସହ୍ୟ ଯନ୍ତ୍ରଣାରେ ଚିତ୍କାର କରି ପୂତନା ମରିଗଲା । ତାର ଛଦ୍ମରୂପ ସାଙ୍ଗେ ସାଙ୍ଗେ ଧରାପଡ଼ିଗଲା ।

ପୂତନା ଉପରେ କଂସଙ୍କର ବହୁତ ଆସ୍ଥା ଥିଲା । ତାର ମୃତ୍ୟୁ-ଖବର ପାଇ ସେ ବଡ଼ ବିବ୍ରତ ହୋଇପଡ଼ିଲେ । ପୂତନାର ଭାଇ ବକାସୁରକୁ ଏବଂ ତା ପରେ ଅଘାସୁରକୁ ପଠାଇଲେ କୃଷ୍ଣଙ୍କୁ ମାରିବା ପାଇଁ । ସେ ଦୁହିଁଙ୍କର ମଧ୍ୟ ସେଇ ଦଶା ହେଲା ।

ତଥାପି କୃଷ୍ଣଙ୍କୁ ହତ୍ୟା କରିବା ଚକ୍ରାନ୍ତରୁ କଂସ ବିରତ ହେଲେ ନାହିଁ । ନାନା ଉପାୟ କରି ମଧ୍ୟ କୌଣସିଥିରେ ସଫଳ ହେଲେ ନାହିଁ । ଏହିପରି କିଛିବର୍ଷ ବିତିଗଲା । ଧୀରେ ଧୀରେ କୃଷ୍ଣ ବଢ଼ିବାକୁ ଲାଗିଲେ । ସେ ବଂଶୀ ବଜାଇ ଶିଖିଲେ । ସେ ବଂଶୀ ବଜାଇ ଗୋରୁ ଚରାଇବାକୁ ଯାଆନ୍ତି ।

ଯମୁନାରେ କାଳୀୟ ନାମକ ଗୋଟିଏ ସାପ ସପରିବାର ରହୁଥିଲା । ସେ ରହୁବାରୁ ଯମୁନାର ପାଣି ଏତେ ବିଷାକ୍ତ ହୋଇଯାଇଥିଲା ଯେ ନଦୀକୂଳରେ ଥିବା ଫଳ-ଫୁଲଭରା ଗଛ ବାଉଁଳ ମରିଯାଉଥିଲା । ମଣିଷ ବା ଜନ୍ତୁ ଯିଏ ବି ସେ ପାଣି ଟୋପାଏ ପିଉଥିଲା, ଅସୁସ୍ଥ ହୋଇପଡ଼ୁଥିଲା । କୃଷ୍ଣ ଏକଥା ସବୁ ଶୁଣି କାଳୀୟକୁ ସେଠୁ ତଡ଼ିବାକୁ ଠିକ୍ କଲେ ।

ଦିନେ ଯମୁନାକୂଳରେ ତାଙ୍କର ଗୋପାଳବନ୍ଧୁମାନଙ୍କ ସାଙ୍ଗରେ ଖେଳୁଥିବାବେଳେ ସେଣ୍ଡୁଟି ଯମୁନାର ପାଣି ଭିତରକୁ ଗଡ଼ିଗଲା । କୃଷ୍ଣ ସାଙ୍ଗେ ସାଙ୍ଗେ କୁଦିପଡ଼ିଲେ ପାଣି ଭିତରକୁ । ତାଙ୍କ ସାଙ୍ଗମାନେ ଭୟରେ 'ରକ୍ଷାକର ରକ୍ଷାକର' ପାଟି କରିବାକୁ ଲାଗିଲେ । ନନ୍ଦ ଯଶୋଦା ଏ ଖବର ପାଇ ଯମୁନାକୂଳକୁ ଧାଇଁଆସିଲେ । ଆକୁଳ ହୋଇ ଚାରିଆଡ଼କୁ ଚାହିଁଲେ, ମାତ୍ର କୃଷ୍ଣଙ୍କର କୌଣସି ଚିହ୍ନବର୍ଣ୍ଣ ନାହିଁ । କାଳୀୟ କୃଷ୍ଣଙ୍କୁ ଦେଖି ରାଗରେ ଜର୍ଜରିତ ହୋଇ ତାଙ୍କୁ ଦଂଶିବାକୁ ଫଣା ଟେକି ଧାଇଁଲା । କୃଷ୍ଣ ତ ଆଗରୁ ସତର୍କ ଥିଲେ; କାଳୀୟ ପାଖକୁ ଆସିବାମାତ୍ରେ ସେ ତାର ଫଣା ଉପରକୁ ଡେଇଁପଡ଼ିଲେ । କାଳୀୟର କିନ୍ତୁ ସହସ୍ର ଫଣା । ସେ ସମସ୍ତ ଫଣା ଉଠାଇ କୃଷ୍ଣଙ୍କୁ ଦଂଶିବାକୁ ଚେଷ୍ଟା କଲା ।

Digitized by srujanika@gmail.com

କୃଷ୍ଣ ତାଙ୍କର କୁନ କୁନ ପାଦରେ ଖୁବ୍‌ ଜୋରରେ ସବୁ ଫଣା ଉପରେ ଲାତ ମାରିବାକୁ ଲାଗିଲେ । ଯନ୍ତ୍ରଣା ଓ ରାଗରେ କାଳୀୟ ପାଣି ଭିତରୁ ବାହାରିବାକୁ ବାଧ୍ୟ ହେଲା ।

ଦେଖିଲାପରି ମନୋମୁଗ୍ଧକର ଦୃଶ୍ୟ । କାଳୀୟର ସହସ୍ର ଫଣା ଉପରେ କୃଷ୍ଣ ନାଚି ନାଚି ଆନନ୍ଦମନରେ ବଂଶୀ ବଜାଉ ଅଛନ୍ତି । ବ୍ରଜବାସୀମାନଙ୍କର ରୋମାଞ୍ଚ ହେଉଥାଏ ଏ ଦୃଶ୍ୟ ଦେଖି । କାଳୀୟ ଯନ୍ତ୍ରଣାରେ ଛଟପଟ ହେଉଥାଏ । ତାର ଫଣାରୁ ରକ୍ତ ବୋହିଯାଉଥାଏ । କାଳୀୟର ସ୍ତ୍ରୀମାନେ ତାର ଏ କଷ୍ଟ ସହି ନପାରି କୃଷ୍ଣଙ୍କ ଆଗରେ ହାତଯୋଡ଼ି ତାର ପ୍ରାଣ

Digitized by srujanika@gmail.com

Digitized by srujanika@gmail.com

ଭିକ୍ଷା କଲେ । ସେମାନଙ୍କର ଦୁଃଖ ଦେଖି କୃଷ୍ଣ ଦୟା ପାଇ କହିଲେ, "କାଳୀୟ ଯଦି ଯମୁନା ଛାଡ଼ି ସାଙ୍ଗେ ସାଙ୍ଗେ ରମନକ ଦ୍ୱୀପକୁ ଚାଲିଯିବ, ତାହେଲେ ମୁଁ ତାର ପ୍ରାଣ ରକ୍ଷା କରିପାରେ ।" କାଳୀୟ ରାଜି ହୋଇ ତତ୍‌କ୍ଷଣାତ୍ ତା'ର ପରିବାରକୁ ନେଇ ଚାଲିଗଲା । କୃଷ୍ଣଙ୍କର ଏ କାର୍ଯ୍ୟ ଯୋଗୁଁ ତାଙ୍କୁ ସମସ୍ତେ ଧନ୍ୟ ଧନ୍ୟ କଲେ । କୃଷ୍ଣଙ୍କ ଜୀବନର ଏହି ଶ୍ରେଷ୍ଠ ଉଦାହରଣଟିକୁ 'କାଳୀୟଦଳନ' ବା କାଳୀୟମର୍ଦ୍ଦନ' କୁହାଯାଏ ।

କୃଷ୍ଣଙ୍କର ବାଲ୍ୟକାଳ ଏହିପରି ଅନେକ ଘଟଣାରେ ପରିପୂର୍ଣ୍ଣ । ସେ ନିର୍ଭୀକ ଓ ବୀର ଥିଲେ । ତାଙ୍କର ବଂଶୀତାନରେ ଏପରି କି ମୋହିନୀ ଶକ୍ତି ଥିଲା ଯେ ସେ ବଂଶୀ ବଜାଇବା-ମାତ୍ରେ ଘରଣୀମାନେ କାମ ଛାଡ଼ି ଓ ଗୋରୁପଲ ଚରିବା ବନ୍ଦ କରି କାନ ପାତି ରହୁଥିଲେ ତାହା ଶୁଣିବା ପାଇଁ । ଗୋପାଳରମଣୀମାନେ ତାଙ୍କୁ ବହୁତ ଭଲପାଉଥିଲେ । ସେମାନେ ତାଙ୍କ ସାଙ୍ଗରେ ନାନା କହିରୁକ କରୁଥିଲେ; କେତେବେଳେ ତାଙ୍କର ବଂଶୀ, କେତେବେଳେ ତାଙ୍କର ମୟୂରଚୂଳ ଲୁଚାଇ ଦେଉଥିଲେ । କୃଷ୍ଣ ମଧ୍ୟ ମଜାରେ ସେମାନଙ୍କୁ ସେହିପରି ହଇରାଣ କରୁଥିଲେ । କେତେବେଳେ ସେମାନଙ୍କ ଶିକାରୁ ଲହୁଣି ଚୋରିକରି ନେଉଥିଲେ ତ କେତେବେଳେ ପାଣି ଆଣିବାକୁ ଗଲାବେଳେ ସେମାନଙ୍କର ମାଠିଆ ଭାଙ୍ଗି ଦେଉଥିଲେ । ଏହିପରି ହସ, ଖୁସି ଓ ମଜାରେ ବ୍ରଜରେ ଦିନଗୁଡ଼ିକ କଟିଯାଉଥିଲା ।

ଦିନେ କୃଷ୍ଣ ଦେଖିଲେ କୌଣସି ଉତ୍ସବ ପାଇଁ ଆୟୋଜନ ହେଉଛି । ନନ୍ଦଙ୍କୁ ପଚାରିବାରୁ ସେ କହିଲେ ଯେ, "ଇନ୍ଦ୍ରଦେବତାଙ୍କ ପାଇଁ ପୂଜା ଯୋଗାଡ଼ ହେଉଛି । ତାଙ୍କର କୃପାରୁ ବର୍ଷା ହୁଏ ଏବଂ ସେଇ ପାଣି ଆମର କ୍ଷେତକୁ ଶସ୍ୟଶ୍ୟାମଳ କରେ । ସେଥିପାଇଁ ସବୁ ବର୍ଷ ଆମେ ତାଙ୍କୁ ପୂଜା କରୁଁ, ନୈବେଦ୍ୟ ଚଢ଼ାଉ ।"

କୃଷ୍ଣ ଏହାର ଅର୍ଥ ବୁଝିପାରିଲେ ନାହିଁ । କହିଲେ, "ବାପା, ଏହା ତ ସ୍ୱାଭାବିକ କଥା, ଯେ ମେଘରୁ ବର୍ଷା ହୁଏ; ମେଘ ଯାଇ ପାହାଡ଼ରେ ବାଜିଲେ ବର୍ଷା ହୁଏ । ଇନ୍ଦ୍ରଙ୍କର

Digitized by srujanika@gmail.com

ଏଥିରେ କ'ଣ କରିବାର ଅଛି ? ଆମେ ତେଣୁ ଇନ୍ଦ୍ରଙ୍କୁ ପୂଜା ନକରି ଗିରି-ଗୋବର୍ଦ୍ଧନଙ୍କୁ ପୂଜା କରିବା କଥା ।"

କୃଷ୍ଣଙ୍କର ଏ କଥା ଲୋକଙ୍କୁ ଯୁକ୍ତିସଙ୍ଗତ ମନେହେଲା । ସେମାନେ ସେଇଦିନୁ ଠିକ୍ କଲେ ଯେ ଗୋବର୍ଦ୍ଧନ ପର୍ବତକୁ ପୂଜା କରିବେ । ଗୋପାଳ ବାଳକମାନେ ତାଙ୍କ ଘର ଛାତ ଉପରେ ଚଢ଼ି ଗିରି ଗୋବର୍ଦ୍ଧନଙ୍କ ଉଦ୍ଦେଶ୍ୟରେ ପୂଜା ଚଢ଼ାଇଲେ ।

ଏହା ଦେଖି ଇନ୍ଦ୍ର ରାଗିଗଲେ । ତାଙ୍କ କୋପରୁ ଏତେ ବର୍ଷା ହେଲା ଯେ କିଛି କ୍ଷଣ ମଧ୍ୟରେ ଗାଁଗଣ୍ଡା ପାଣିରେ ଭରିଗଲା । ଗାଁଲୋକମାନେ ବ୍ୟସ୍ତ ହୋଇ କୃଷ୍ଣଙ୍କ ପାଖକୁ ଧାଇଁଗଲେ । ସେ ହସିଦେଇ ଗିରି ଗୋବର୍ଦ୍ଧନକୁ ଉଠାଇ ତାଙ୍କ କାଣିଆଙ୍ଗୁଠିରେ ଟେକିଧରିଲେ ।

ସାରା ଗାଁ ତାରି ତଳେ ଆଶ୍ରୟ ନେଲେ । ସାତ ଦିନ ଧରି କୃଷ୍ଣ ପାହାଡ଼କୁ ଟେକିରଖିଲେ । ଶେଷରେ ଇନ୍ଦ୍ର ହାରମାନିବାକୁ ବାଧ ହେଲେ । ତାଙ୍କର ଗର୍ବ ଚୂର୍ଣ୍ଣ ହୋଇଗଲା । ବ୍ରଜ କୃଷ୍ଣଙ୍କର ଗୁଣ-କୀର୍ତ୍ତନରେ ମୁଖରିତ ହେଲା । ବ୍ରଜବାସୀ ତାଙ୍କୁ 'ଗୋବର୍ଦ୍ଧନଧାରୀ' ନାମ ଦେଲେ ।

କୃଷ୍ଣ ଏବଂ ତାଙ୍କ ବଡ଼ଭାଇ ବଳରାମଙ୍କୁ ମାରିବାର ଚେଷ୍ଟା କଂସ ଏପର୍ଯ୍ୟନ୍ତ ତ୍ୟାଗ କରି ନଥାଆନ୍ତି । ଅରିଷ୍ଟାସୁର, କେଶୀ ଓ ବ୍ୟୋମାସୁର ଆଦି ଅସୁରମାନେ ଏହି କାର୍ଯ୍ୟରେ ଆସି ଗୋଟି ଗୋଟି ହୋଇ କୃଷ୍ଣ-ବଳରାମଙ୍କ ହାତରେ ପ୍ରାଣ ହରାଇଲେ ।

ଏଇ ଦୁଇ ଭାଇଙ୍କୁ ମାରିବା କଷ୍ଟକର ହୋଇଉଠୁଛି ଦେଖି କଂସ ଆଉ ଗୋଟିଏ ଚକ୍ରାନ୍ତ ଭିଆଇ ଠିକ୍ କଲେ । ସେ ମଥୁରାରେ ଗୋଟିଏ ବଡ଼ ଉତ୍ସବର ଆୟୋଜନ କରି କୃଷ୍ଣ ଓ ବଳରାମ ଦୁଇ ଭାଇଙ୍କୁ ନିମନ୍ତ୍ରଣ କଲେ । କୃଷ୍ଣ ଓ ବଳରାମ ନିମନ୍ତ୍ରଣ ପାଇ ଯିବାକୁ ସଜିଲ ହେଲେ । ବ୍ରଜବାସୀମାନଙ୍କ ହୃଦୟ ଦୁଃଖପୂର୍ଣ୍ଣ; ମାତ୍ର କୃଷ୍ଣଙ୍କୁ ତ କଂସର ଅତ୍ୟାଚାରର ପ୍ରତିକାର କରିବାକୁ ହେବ! ସେ କାର୍ଯ୍ୟ ମଥୁରାକୁ ଗଲେ ଯାଇ ହୋଇପାରିବ । ଗ୍ରାମବାସୀ ଗୋପାଳ ଏବଂ ଗୋପବାଳାମାନଙ୍କୁ ଏ କଥା ବୁଝାଇ କୃଷ୍ଣ ବଳରାମ, ନନ୍ଦ ଓ କେତେକ ଗୋପାଳ ସାଥୀମାନଙ୍କୁ ନେଇ ମଥୁରା ବାହାରିଲେ । ସମସ୍ତେ ସଜଳ ଆଖିରେ ସେମାନଙ୍କୁ ବିଦାୟ ଦେଲେ । ଗୋପବାଳାମାନେ ଘୋର ଦୁଃଖରେ ଖାଇବା-ପିଇବା ଛାଡ଼ିଲେ । ଯେଉଁଠି ସଙ୍ଗୀତ, ହସ-

Digitized by srujanika@gmail.com

ଖୁସିରେ ଜୀବନ ବଢଯାଉଥିଲା, ସେଠି ସବୁଆଡ଼େ ବିଷାଦର ଛାୟା ଭରିଗଲା ।

କୃଷ୍ଣଙ୍କର ବୀରତ୍ୱ କଥା ସବୁଆଡ଼େ ବ୍ୟାପିଥିଲା । ସେ ମଥୁରାରେ ପହଞ୍ଚୁ ପହଞ୍ଚୁ ବହୁସଂଖ୍ୟାରେ ଲୋକ ତାଙ୍କୁ ଦେଖିବାକୁ ଏକତ୍ରିତ ହୋଇଗଲେ । କୃଷ୍ଣ ବାଟରେ ଯାଉ ଯାଉ ଗୋଟିଏ କୁଜା ବୁଢ଼ୀକୁ ଭେଟିଲେ । ତା ହାତରେ ପାତ୍ରଭର୍ତ୍ତି ଗୋଳାଚନ୍ଦନ । କୃଷ୍ଣ ତା ପାଖକୁ ଯାଇ ପଚାରିଲେ, "ତମେ କିଏ ? କୁଆଡ଼େ ଯାଉଛ ?" ସେ କହିଲା, "ମୋର ନାମ

Digitized by srujanika@gmail.com

ଜିବଲା । ମୁଁ କୁଜା ବୋଲି ଲୋକେ ମୋତେ କୁବୁଜା ଡାକନ୍ତି । ମୁଁ କଂସ ରାଜାଙ୍କ ପାଇଁ ଚନ୍ଦନ ନେଉଛି ।”

“ଆଣ—ମୋ ଦେହରେ ସେ ଚନ୍ଦନ ବୋଳିଦିଅ”—କୃଷ୍ଣ କହିଲେ । କୁବୁଜା ଭଲ ସ୍ୱଭାବର ଥିଲା । ଏପରି କଲେ କୌତୁକିଆ କଥା ହେବ ଭାବି ସେ କୃଷ୍ଣଙ୍କ ଦେହରେ ସବୁତକ ଚନ୍ଦନ ଲେପିଦେଲା । ସୁବାସରେ ଚାରିଆଡ଼ ଭରିଗଲା । କୁବୁଜା ଆଚମ୍ବିତ ହୋଇ ଅନାଇଛି । କୃଷ୍ଣ ବୁଲିପଡ଼ି କୁବୁଜାର ଗୋଡ଼ର ଗୋଟିଏ ଟିପରେ ଗୋଇଠାଟିଏ ମାରିଲେ । ବାଃ, ଦେଖୁ ଦେଖୁ ଏ କ’ଣ ହେଲା ! ସାଙ୍ଗେ ସାଙ୍ଗେ ତା ପିଠି ସିଧା ହୋଇଗଲା । ସେ କଦାକାର କୁବୁଜାରୁ ସିଧାସଳଖ ସୁନ୍ଦରୀ ଝିଅଟିଏ ହୋଇଗଲା । କୁବୁଜାର ଏ ଆଶ୍ଚର୍ଯ୍ୟ ପରିବର୍ତ୍ତନ କଥା ଚାରିଆଡ଼େ ବ୍ୟାପିଗଲା । ମଥୁରାର ଲୋକମାନେ ଏ କଥା ଶୁଣି ତାଙ୍କ କାନକୁ ବିଶ୍ୱାସ କରିପାରିଲେ ନାହିଁ ।

ତତ୍ପରେ କୁବୁଜାକୁ ଛାଡ଼ି କୃଷ୍ଣ ଓ ଗୋପାଳମାନେ ଧନୁର୍ବିଦ୍ୟା ପ୍ରତିଯୋଗିତା ସ୍ଥଳରେ ଯାଇ ପହଞ୍ଚିଲେ । ଜଗୁଆଳମାନେ ଅଟକାଇବା ପୂର୍ବରୁ କୃଷ୍ଣ ପ୍ରକାଣ୍ଡ ଗୋଟିଏ ଧନୁକୁ କ୍ଷଣକରେ ଭାଙ୍ଗି ଟିକିଟିକି କରିଦେଲେ । ଯେତକ ଅସୁର ସେଠି ଥିଲେ, ସମସ୍ତଙ୍କୁ ପରାଜିତ କରିଦେଲେ ।

କଂସ ଏସବୁ ଖବର ପାଇ ଡରରେ ଥରହର । ତାଙ୍କର କିନ୍ତୁ ତାଙ୍କ ମଲ୍ଲଯୋଦ୍ଧାଙ୍କ ଉପରେ ବହୁତ ଆସ୍ଥା ଥାଏ । ବଳିଷ୍ଠକାୟ ପ୍ରସିଦ୍ଧ କୁସ୍ତିକଳାବାଲାମାନେ କୃଷ୍ଣ-ବଳରାମଙ୍କୁ ନିଶ୍ଚେ ହରାଇଦେବେ ଭାବି ସେ ମନକୁ ସାନ୍ତ୍ୱନା ଦେଇ ଶୋଇବାକୁ ଗଲେ । ନିଦ କିନ୍ତୁ ଆସିଲା ନାହିଁ । ଛଟପଟ ହୋଇ ସେ ଅତି କଷ୍ଟରେ ଅଶାନ୍ତ ଭାବରେ ଟିକିଏ ଢୋଳେଇ ପଡ଼ିବାରୁ ସ୍ୱପ୍ନ ଦେଖିଲେ—ସେ ଗୋଟିଏ ଗଧ ଉପରେ ଚଢ଼ି ଛନ୍ତି । ତାଙ୍କ ମୁହଁରେ କଳା ବୋଳା ହୋଇ ତାଙ୍କୁ ଦେଶାନ୍ତର କରାହେଉଛି । ଏପରି ଅମଙ୍ଗଳ ସ୍ୱପ୍ନ ଦେଖି ସେ ଆହୁରି ଡରିଗଲେ । ତା ପରଦିନ ଉତ୍ସବରେ ଯୋଗଦେବାକୁ ଗଲାବେଳେ କଂସ ଭୟରେ ଥରୁଥାଆନ୍ତି ।

ବହୁ ଦୂର ଦୂର ଦେଶରୁ ଯୋଦ୍ଧାମାନେ ଏ ପ୍ରତିଯୋଗିତାରେ ଯୋଗଦେବା ପାଇଁ ଆସିଥାଆନ୍ତି । କଂସଙ୍କର ଯୋଦ୍ଧାମାନେ ସମସ୍ତେ ନିପୁଣ ଓ ବଳବାନ୍ । ତଥାପି ସେ କୁବଳୟପୀଡ଼ ନାମକ ଗୋଟିଏ ପାଗଳ ହାତୀକୁ ପ୍ରବେଶଦ୍ୱାର ପାଖେ ବାନ୍ଧି ରଖିଥାଆନ୍ତି । ମାହୁନ୍ତକୁ କହିରଖିଥାଆନ୍ତି ଯେ କୃଷ୍ଣ ବଳରାମଙ୍କୁ ଦେଖିବାମାତ୍ରେ ହାତୀକୁ ଉସୁକାଇ ଦେବା-ପାଇଁ; ଯେପରି ସେ ସେମାନଙ୍କୁ ଦଳି ଶେଷ କରିଦେବ । ଦୁଇ ଭାଇଙ୍କୁ ଦେଖୁ ଦେଖୁ ହାତୀ ତାଙ୍କ ଆଡ଼କୁ ମାଡ଼ିଗଲା । କୃଷ୍ଣ ଆଗେ ହାତୀକୁ ଆହୁରି ଚଢ଼ାଇଦେଲେ । ତାପରେ

Digitized by srujanika@gmail.com

ତା ଶୁଣ୍ଢ ଧରି ଏତେ ଜୋର୍‌ରେ ଟାଣିଲେ ଯେ ସେ ଯନ୍ତ୍ରଣାରେ ତଳେ ପଡ଼ି ଛଟପଟ ,ହୋଇ ମରିଗଲା ।

ପ୍ରତିଯୋଗିତା ଜାଗାରେ ଢୋଲ୍ ବାଜୁଛି ଯୋଦ୍ଧାମାନଙ୍କୁ ମତାଇବା ପାଇଁ । କୃଷ୍ଣ-

Digitized by srujanika@gmail.com

ବଳରାମ ଏକାଠି ଭିତରକୁ ଗଲେ । ତାଙ୍କୁ ଦେଖି କଂସଙ୍କ ମନ ଆଶଙ୍କାରେ ଭରିଗଲା । ଚାଣୂର କୃଷ୍ଣଙ୍କ ସାଙ୍ଗରେ ଏବଂ ମୁଷ୍ଟିକ ବଳରାମଙ୍କ ସାଙ୍ଗରେ କୁସ୍ତି କରିବା ପାଇଁ ଆହ୍ୱାନ କଲେ । କୃଷ୍ଣ ବଳରାମ ଜଙ୍ଘ ଆସ୍ଫାଳି ପଡ଼ିଆକୁ କୁଦିପଡ଼ିଲେ । ଏଡ଼େ ଛୋଟ ପିଲା ଦୁଇଟା । ଏପରି ଯୋଦ୍ଧାଙ୍କ ସାଙ୍ଗରେ ଲଢ଼ିବାର ଦୁଃସାହସ ଦେଖି ଲୋକମାନେ ହସିବାକୁ ଲାଗିଲେ । ସ୍ତ୍ରୀଲୋକ-ମାନଙ୍କ ମନ ପିଲା ଦୁହିଁଙ୍କ ପାଇଁ ଦୟାରେ ଭରିଗଲା । ପଡ଼ିଆ ମଝିରେ କୃଷ୍ଣ-ବଳରାମ ତାଙ୍କଠାରୁ କାହିଁ କେତେ ଗୁଣ ବେଶି ଶକ୍ତିଶାଳୀ ଯୋଦ୍ଧାଙ୍କ ସାଙ୍ଗରେ କୁସ୍ତି କରିବାକୁ ଲାଗିଲେ । କିଛି ବେଳ ପରେ କୃଷ୍ଣ ଠିକ୍ କଲେ ଚାଣୂରକୁ ନିପାତ କରିବାପାଇଁ । ତାଙ୍କ ବଜ୍ରମୁଷ୍ଟିରେ ଏପରି ଆଘାତ କଲେ ଯେ ସେ ସେଇଠି ପଡ଼ି ମରିଗଲା । ବଳରାମଙ୍କ ହାତରେ ମୁଷ୍ଟିକର ମଧ୍ୟ ସେଇ ଦଶା ହେଲା ।

Digitized by srujanika@gmail.com

କଂସ ତାପରେ କୂଟ, ଶଳ ଓ ତୋଷଳଙ୍କୁ ପଠାଇଲେ । ସମସ୍ତଙ୍କର ସେଇ ଏକା ଦଶା । ଚଳ୍ପାରେ ଶେଷକୁ କଂସଙ୍କୁ ଆଉ କିଛି ଉପାୟ ଦିଶିଲା ନାହିଁ । ସେ ତାଙ୍କର ଖଣ୍ଡା କାଢ଼ିବା ମାତ୍ରେ କୃଷ୍ଣ ତାଙ୍କ ଗ୍ୱରୁଣ ବୃହିପାର ସିଂହାସନ ଉପରକୁ ଡେଇଁପଡ଼ି କଂସଙ୍କର ଭୁଟି ଧରି ତଳକୁ ଘୋଷାରି ଆଣିଲେ । ତାଙ୍କ ଉପରେ ବସି ତାଙ୍କୁ ମାରି ମାରି ଶେଷ କରିଦେଲେ ।

Digitized by srujanika@gmail.com

ତାପରେ ସେ ତାଙ୍କର ଅଜା—କଂସଙ୍କର ବାପା—ଉଗ୍ରସେନଙ୍କୁ ସିଂହାସନରେ ବସାଇଲେ । କୃଷ୍ଣଙ୍କର ତାଙ୍କର ପିତା ମାତା ବସୁଦେବ ଓ ଦେବକୀଙ୍କ ସାଙ୍ଗରେ ମିଳନ ହେଲା । କୃଷ୍ଣଙ୍କର ମଥୁରାକୁ ଆସିବା କାର୍ଯ୍ୟ ସିଦ୍ଧ ହେଲା । ସବୁଆଡ଼େ ଆନନ୍ଦ ଖେଳିଗଲା । କିଛି ଦିନ ସେଠି ରହି କୃଷ୍ଣ ଓ ବଳରାମ ଅବନ୍ତୀପୁର (ଉଜ୍ଜୟିନୀ) ଗମନ କଲେ । ସେଠାରେ ସେ ମୁନି ସାନ୍ଦୀପନିଙ୍କଠାରୁ ଶିକ୍ଷାଲାଭ କଲେ ।

Digitized by srujanika@gmail.com



ବ୍ୟୂହଭେଦ

ମହାଭାରତ ଯୁଦ୍ଧର ଦ୍ୱାଦଶ ଦିନ । ଅର୍ଜୁନଙ୍କ ହାତରେ ଶକୁନି ଆଘାତ ପାଇ-ସାରିଆନ୍ତି ଓ ତାଙ୍କର ଦୁଇ ଭାଇ ବୃଷକ ଏବଂ ଅଚଳ ମୃତ । ଖ୍ୟାତନାମା ଦ୍ରୋଣାଚାର୍ଯ୍ୟ ମଧ୍ୟ ଅର୍ଜୁନଙ୍କ ଆଗରେ ନିରୁପାୟ । ବିଷାଦର ଅନ୍ଧକାର ଘୋଟିଯାଇଛି କୌରବମାନଙ୍କ ମଧ୍ୟରେ । ପାଣ୍ଡବମାନଙ୍କ ଶିବିର ଜୟ-ଉଲ୍ଲାସରେ ମୁଖରିତ ।

ଦୁର୍ଯ୍ୟୋଧନ ଏ ପରିସ୍ଥିତି ଦେଖି ରାଗ-ଜର୍ଜରିତ ହୋଇ ସୈନ୍ୟମାନଙ୍କ ସାମ୍ନାରେ ଦ୍ରୋଣଙ୍କୁ ଭର୍ତ୍ସନା କରି କହିଲେ, "ଅର୍ଜୁନଙ୍କ ବିରୁଦ୍ଧରେ ତୁମେ ସମସ୍ତ ଚେଷ୍ଟା କରୁନାହଁ । ତୁମେ ସେମାନଙ୍କ ପକ୍ଷପାତୀ ।"

Digitized by srujanika@gmail.com

ଦ୍ରୋଣାଚାର୍ଯ୍ୟ ଅପମାନିତ ହୋଇ କହିଲେ, "ମୁଁ ମୋର ସମସ୍ତ ଶକ୍ତି ଦେଇ ପାଣ୍ଡବମାନଙ୍କ ବିରୁଦ୍ଧରେ ଲଢ଼ୁଛି । ତଥାପି ତମେ ମୋତେ ଅବିଶ୍ୱାସ କରୁଛ ? ମୁଁ ତୁମକୁ ବାରମ୍ବାର କହୁଛି ଯେ, ଅର୍ଜୁନଙ୍କୁ ପାଣ୍ଡବମାନଙ୍କ ପାଖରୁ ଅଲଗା କରି ପାରିଲେ ମୁଁ ସେମାନଙ୍କୁ ଏକାଦିନେ ହରାଇଦେବି ।"

ତ୍ରୟୋଦଶ ଦିନ ସକାଳ ହେଲା । ଦୁର୍ଯ୍ୟୋଧନଙ୍କର ଦ୍ରୋଣଙ୍କ କଥା ମନରେ ଅଛି ଦୁଇଟିଯାକ ଶିବିର ଯୁଦ୍ଧପାଇଁ ପ୍ରସ୍ତୁତ ହେଲେ । ସମାସୋଟ ଯୁଦ୍ଧ କରୁ କରୁ ଅର୍ଜୁନ ଯୁଦ୍ଧଭୂମିର ଦକ୍ଷିଣ ଦିଗକୁ ଚାଲିଯାଇଥିଲେ । ଦ୍ରୋଣାଚାର୍ଯ୍ୟ ଏହି ସୁଯୋଗରେ ପାଣ୍ଡବ ସୈନ୍ୟବାହିନୀକୁ ଘେରାଉ କରି କୌରବମାନଙ୍କୁ ଆଦେଶ ଦେଲେ ଆକ୍ରମଣ କରିବାକୁ ।

Digitized by srujanika@gmail.com



ପାଣ୍ଡବମାନେ ସାହସର ସହିତ ଲଢ଼ିଲେ ମଧ୍ୟ ସେ ଘେରାଭ ଭିତରୁ ବାହାରିବା କଷ୍ଟକର ହେଲା। ବିଷମ ସମସ୍ୟା। ଏଣେ ଅର୍ଜୁନ ମଧ୍ୟ ପାଖରେ ନାହାନ୍ତି। ଯୁଧିଷ୍ଠିରଙ୍କ ମନ ଚିନ୍ତାକୁଳ। ତାଙ୍କର ହଠାତ୍ ଅର୍ଜୁନଙ୍କର ପୁଅ ଅଭିମନ୍ୟୁଙ୍କ କଥା ମନେପଡ଼ିଲା । ସେ ତାଙ୍କୁ ଡକାଇଲେ।

ଷୋଳ ବର୍ଷର ବାଳକ ଅଭିମନ୍ୟୁ ତାଙ୍କ ବାପାଙ୍କ ପରି ବଳବାନ୍, ସାହସୀ ଓ ଯୋଦ୍ଧା । ଅଭିମନ୍ୟୁ ଆଦେଶ ପାଇ ଆସିଲେ । ତାଙ୍କର ପ୍ରଫୁଲ୍ଲ ବଦନକୁ ଚାହିଁ ଯୁଧିଷ୍ଠିରଙ୍କ ମନରେ ଆଶାର ସଞ୍ଚାର ହେଲା । ସେ ଅଭିମନ୍ୟୁଙ୍କୁ ବୁଝାଇ କହିଲେ— "ଆମେ କୌରବମାନଙ୍କର ବ୍ୟୂହ ଭେଦ ନ କରି ପାରିବାରୁ ଆମର ବହୁସଂଖ୍ୟାରେ ସୈନ୍ୟ ନିହତ ହେଲେଣି। ଏହାର ପ୍ରତିକାର କିଛି କରାନଗଲେ ଆମର ପରାଜୟ ନିଶ୍ଚିତ।"

Digitized by srujanika@gmail.com

"ଚିନ୍ତା କରନାହିଁ"—ଅଭିମନ୍ୟୁ ଆଶ୍ୱାସନା ଦେଇ କହିଲେ । "ମୁଁ କୌରବମାନଙ୍କର ବ୍ୟୂହ ଭେଦ କରି ପାରିବି । କିନ୍ତୁ ଗୋଟିଏ କଥା; ବ୍ୟୂହ ଭେଦ କରି ଶତ୍ରୁମାନଙ୍କ ମଧ୍ୟରେ ପଶିଗଲା ପରେ ସେଠୁ ନିଜକୁ ମୁକୁଳାଇବା କୌଶଳ ମୁଁ ଜାଣେ ନାହିଁ ।"

ଭୀମ ଓ ଅନ୍ୟମାନେ କହିଲେ, "ତୁମେ ବ୍ୟୂହ ଭେଦ କର । ଆମେ ତୁମ୍ଭ ପଛେ ପଛେ ଅଛୁ ।"

Digitized by srujanika@gmail.com

ଯୁଧିଷ୍ଠିର ଅଭିମନ୍ୟୁଙ୍କୁ ଆଶୀର୍ବାଦ କରି ଶୁଭକାମନା କଲେ । ଅଭିମନ୍ୟୁ ରଥ ଚଢ଼ି କୌରବମାନଙ୍କ ଆଡ଼କୁ ଅଗ୍ରସର ହେଲେ । କୌରବମାନେ ତାଙ୍କୁ ଦେଖି "ଅଭିମନ୍ୟୁ ଆସୁଛନ୍ତି" କହି ଉପହସିତ ହେଲେ । ଗୋଟିଏ ସିଂହଛୁଆ ହାତୀପଲ ସାଙ୍ଗରେ ବଳ କଷାକଷି କରୁଛି !

ବଜ୍ରବେଗରେ ଆକ୍ରମଣ କରି ଅଭିମନ୍ୟୁ କୌରବମାନଙ୍କ ଘେର କାଟିଦେଲେ । ଏତେ ଦ୍ରୁତବେଗରେ ସେ ମାଡ଼ିଗଲେ ଯେ, ପାଣ୍ଡବମାନେ ତାଙ୍କୁ ଅନୁସରଣ କରିପାରିଲେ ନାହିଁ । ଶତ୍ରୁମାନଙ୍କ ମଧ୍ୟରେ ସେ ଏକା । ତଥାପି ସେ ଏକହାତିଆ ହୋଇ ଲଢ଼ି ଚାଲିଛନ୍ତି । ଅଗ୍ନିଶିଖା ପରି ଚାରିଆଡ଼େ ଶର ମାରି ସବୁ ପାଉଁଶ କରିଦେଲେ । କୌରବସୈନ୍ୟଙ୍କୁ ମାରି ଶୁଆଇ ଦେଲେ ।

Digitized by srujanika@gmail.com

ଦୁର୍ଯ୍ୟୋଧନ ତାଙ୍କର ଏତେଗୁଡ଼ାଏ ଲୋକଙ୍କର ବିନାଶ ସହ୍ୟ କରି ନ ପାରି ନିଜେ ଅଭିମନ୍ୟୁଙ୍କ ସହିତ ଲଢ଼ିବା ପାଇଁ ଅଗ୍ରସର ହେଲେ । ତାଙ୍କୁ ସାହାଯ୍ୟ କରିବା ପାଇଁ ଦ୍ରୋଣାଚାର୍ଯ୍ୟ ଅନ୍ୟ ଯୋଦ୍ଧାମାନଙ୍କୁ ପଠାଇଲେ । ଅଭିମନ୍ୟୁ ଦୁର୍ଯ୍ୟୋଧନଙ୍କୁ ଏପରି ଅସୁବିଧାରେ ପକାଇଦେଲେ ଯେ ତାଙ୍କୁ ରକ୍ଷା କରିବାଲାଗି କୌରବମାନଙ୍କୁ କୌଣସି ଉପାୟ ଦିଶିଲା ନାହିଁ । ଦୁର୍ଯ୍ୟୋଧନଙ୍କର ଏପରି ଅବସ୍ଥା ଦେଖି କୌରବମାନେ ଗୋଟାଏ ଚକ୍ରାନ୍ତ କଲେ । ସେ ଯୁଗର ନିୟମ ଅନୁସାରେ ଜଣେ ସୈନ୍ୟ କେବଳ ଜଣଙ୍କ ସାଙ୍ଗରେ ଯୁଦ୍ଧ କରିବା କଥା । ଏହି ନିୟମ ଅବଜ୍ଞା କରି କୌରବମାନେ ଏକାଠି ହୋଇ ଏକାକୀ ଲଢ଼ୁଥିବା ବାଳକଟି ଉପରେ ଆକ୍ରମଣ କଲେ । ତଥାପି ଅଭିମନ୍ୟୁ ନିର୍ଭିକ ଭାବରେ ଲଢ଼ି ଚାଲିଲେ । ତାଙ୍କ ସାହସ ଦେଖି ଦ୍ରୋଣାଚାର୍ଯ୍ୟ ପ୍ରଶଂସା ନକରି ରହିପାରିଲେ ନାହିଁ । "ପ୍ରକୃତରେ ଯୁଦ୍ଧରେ ଅଭିମନ୍ୟୁ ଅପରାଜେୟ । ତାଙ୍କର ସମକକ୍ଷ କେହି ହୋଇ ପାରିବେ ନାହିଁ ।" ବୋଲି ସେ କହିଲେ ।

ଦୁର୍ଯ୍ୟୋଧନ ଏ କଥା ଶୁଣି ଉତ୍କ୍ଷିପ୍ତ ହୋଇ ଉଠିଲେ । ସେ କହିଲେ, "ତୁମେ ଅଭିମନ୍ୟୁଙ୍କୁ ପ୍ରଶଂସା କରୁଛ ସେ ତୁମର ପ୍ରିୟପାତ୍ର ଅର୍ଜୁନଙ୍କର ପୁଅ ବୋଲି । ଷୋଳ ବର୍ଷର ଏ ବାଳକଠେଇଁ ଏପରି କ'ଣ ବିଶେଷତ୍ୱ ଅଛି ? ତାକୁ ମୁଁ ମୋର ହାତମୁଠାରେ ଦଳି ଦେଇ ପାରିବି ।" କିଛୁକ୍ଷଣ ପୂର୍ବରୁ ତାଙ୍କ ନିଜ ଦଶା କ'ଣ ହୋଇଥିଲା ସେ ବାଳକ ହାତରେ, ସେ ଭୁଲିଯାଇଥିଲେ ।

ଦୁଃଶାସନ ତାଙ୍କର ଭାଇଙ୍କୁ ସମର୍ଥନ କରି କହିଲେ, "ମୁଁ ସେ ପାଷଣ୍ଡକୁ ଶେଷ କରିଦେବି ।" ବାହାଦୁରି କରି କହି ସେ ଅଭିମନ୍ୟୁଙ୍କ ଉପରକୁ ଝାମ୍ପି ପଡ଼ିଲେ । ଅଭିମନ୍ୟୁ ତାଙ୍କୁ ଏପରି ଜବରଦସ୍ତ ଆକ୍ରମଣ କଲେ ଯେ, ସେ ରଥ ଉପରେ ଅଚେତନ ହୋଇ ପଡ଼ିଗଲେ । ତାଙ୍କର ଗର୍ବ ଖଣ୍ଡନ ହେଲା । କୌରବମାନେ ହତାଶ ହୋଇ ପଡ଼ିଲେ ।

କର୍ଣ୍ଣ ରାଗିକରି ଧନୁ ଟଙ୍କାରି ମାଡ଼ିଆସିଲେ । ଅଭିମନ୍ୟୁ ତାଙ୍କ ସଙ୍ଗରେ ମଧ୍ୟ ବୀର-ଦର୍ପରେ ଲଢ଼ିଲେ । ତୀର ପରେ ତୀର ଛୁଟାଇ ଅନେକ କୌରବସୈନ୍ୟଙ୍କୁ ହତ୍ୟା କଲେ । କର୍ଣ୍ଣ ମଧ୍ୟ ଆଘାତପ୍ରାପ୍ତ ହେଲେ । କୌରବ ସୈନ୍ୟମାନେ ଛିନ୍ନଛତ୍ର ହୋଇଗଲେ ।

ଷୋଳ ବର୍ଷର ସୁକୁମାର ବାଳକ ଏତେବଡ଼ କୌରବସୈନ୍ୟଙ୍କୁ ଅଟକାଇ ରଖିଥିଲେ । ଦ୍ରୋଣାଚାର୍ଯ୍ୟଙ୍କର ଚକ୍ରାନ୍ତ ପଣ୍ଡ ହେଲା । ଅର୍ଜୁନ ନ ଥାଇ ମଧ୍ୟ ଅଭିମନ୍ୟୁ କୌରବମାନଙ୍କୁ ମୁକାବିଲା କରିବାରେ ସଫଳ ହେଲେ ।

Digitized by srujanika@gmail.com

ଶେଷରେ ଦୁଃଶାସନଙ୍କର ବାଳକ-ପୁତ୍ର ଲକ୍ଷ୍ମଣ ତାଙ୍କର ଗଦା ବୁଲାଇ ଆଗଭର ହେଲେ । କୌରବମାନେ ତାଙ୍କ ପଛରେ ଏକତ୍ରିତ ହେଲେ । ଦୁଇଟି ବାଳକ ଅଭିମନ୍ୟୁ ଓ ଲକ୍ଷ୍ମଣ ପ୍ରଜ୍ବଳିତ । ଲକ୍ଷ୍ମଣ ବୀରତ୍ୱସହକାରେ ଲଢ଼ିଲେ ମଧ୍ୟ ପାରିଲେ ନାହିଁ । ଅଭିମନ୍ୟୁଙ୍କ ହାତରେ ମର୍ମାନ୍ତିକ ଆଘାତ ପାଇ ପଡ଼ିଗଲେ ।

ଦୁଃଶାସନ ଦୁଃଖ ଓ ରାଗ ଜର୍ଜରିତ ହୋଇ ସୈନ୍ୟମାନଙ୍କୁ ମଡାଇ ଅଭିମନ୍ୟୁଙ୍କ ଉପରେ ଆକ୍ରମଣ କଲେ । ଦ୍ରୋଣ କର୍ଣ୍ଣଙ୍କୁ କହିଲେ, "ଆମେ ଏପରି ଭାବେ ଅଭିମନ୍ୟୁଙ୍କୁ ପରାସ୍ତ କରି ପାରିବା ନାହିଁ । ତୁମେ ପଛପଟେ ଯାଇ ତାଙ୍କ ଧନୁର ଗୁଣ କାଟିଦିଅ । ମୁଁ କିଛି ସୈନ୍ୟ ସାଙ୍ଗରେ ନେଇ ତାଙ୍କର ସାରଥି ଏବଂ ଅଶ୍ୱମାନଙ୍କୁ ମାରିଦେଉଛି ।" କର୍ଣ୍ଣ ସେଇ ଅନୁସାରେ କଲେ । ତଥାପି ଅଭିମନ୍ୟୁ ସାହସ ସହିତ ଖଣ୍ଡା ଧରି ଶତ୍ରୁମାନଙ୍କୁ ପୁଣି ଘଉଡ଼ାଇଦେଲେ ।

ଦ୍ରୋଣ ହତାଶ ହୋଇପଡ଼ିଲେ । ସାମାନ୍ୟ ଗୋଟିଏ ଶ୍ରେଷ୍ଠ ବାଳକକୁ ସେ ପରାସ୍ତ କରି ପାରିଲେ ନାହିଁ—ଏଇଟା କୌରବମାନଙ୍କ ନାମରେ କାଳିମା । ସେ କର୍ଣ୍ଣଙ୍କ ସାହାଯ୍ୟରେ ଆଉ ଗୋଟିଏ ଚକ୍ରାନ୍ତ କଲେ । ଜଣେ ତାଙ୍କ ଖଣ୍ଡା ଭାଙ୍ଗି ଦେଲାବେଳେ, ଆଉ ଜଣେ ତାଙ୍କର ଢାଲ ଭାଙ୍ଗି ଦେଲା । ଅଭିମନ୍ୟୁ କ୍ଷଣକ ପାଇଁ ସ୍ତମ୍ଭିତ ହୋଇଗଲେ ।

ରଥର ଗୋଟିଏ ଭଙ୍ଗା ଚକ ଧରି ସେ ଶତ୍ରୁମାନଙ୍କ ଉପରେ ଏକ ଅଦ୍ଭୁତ ସିଂହ ପରି କୁଦି-ପଡ଼ିଲେ । ନିରସ୍ତ୍ର ଗୋଟିଏ ବାଳକର ସାହସ ଦେଖି କୌରବମାନଙ୍କ ମନରେ ତାଙ୍କ ଲାଗି ପ୍ରଶଂସା ଭରିଗଲା । ନିରସ୍ତ୍ର ହେଲେହେଁ ସେ ଅପରାଜେୟ ମନେହେଲେ । କୌରବମାନେ ହତାଶ ହୋଇ ପଡ଼ିବା ଦେଖି ଦୁଃଶାସନଙ୍କର ଦ୍ୱିତୀୟ ପୁତ୍ର ଗଦା ଧରି ଅଭିମନ୍ୟୁଙ୍କୁ ଆକ୍ରମଣ କଲେ । ଅଭିମନ୍ୟୁ ଭଙ୍ଗାଚକଟା ପକାଇ ଦେଇ ଗୋଟିଏ ଗଦା ଉଠାଇନେଲେ । ଦୁଇଜଣ ଧସ୍ତାଧସ୍ତି ହୋଇ ପଡ଼ିଲେ; ପୁଣି ଉଠି ଯୁଦ୍ଧ କରିବାକୁ ଲାଗିଲେ । କିନ୍ତୁ ଅଭିମନ୍ୟୁ ଏତେବେଳଯାଏ ଲଢ଼ି ଲଢ଼ି କ୍ଳାନ୍ତ ହୋଇପଡ଼ିଥିବାରୁ ଉଠିବାକୁ ସାମାନ୍ୟ ଡେରି ହେଲା । ଏହି କ୍ଷଣକ ଡେରିର ସୁଯୋଗ ନେଇ ଦୁଃଶାସନଙ୍କ ପୁଅ ତାଙ୍କୁ ଜୋର୍‌ରେ ଆଘାତ କଲେ । ଅଭିମନ୍ୟୁ ନିହତ ହେଲେ ।

କୌରବମାନେ ଅଭିମନ୍ୟୁଙ୍କ ମୃତ୍ୟୁରେ ଅତ୍ୟନ୍ତ ଆନନ୍ଦିତ ହେଲେ । କେବଳ ଦ୍ରୋଣ ଏବଂ କର୍ଣ୍ଣ କାନ୍ଦପକାଇଲେ । ଧୃତରାଷ୍ଟ୍ରଙ୍କର ପୁଅ ଯୁଯୁତ୍ସୁ ସେମାନଙ୍କର ଏପରି

Digitized by srujanika@gmail.com

ବିଶ୍ୱାସଘାତକତାରେ ରାଗିଗଲେ ଓ ଗାଳିଦେଇ କହିଲେ, "ତୁମେମାନେ ଭୀଷଣ ଅନ୍ୟାୟ କରିଛ । ଏପରି ଗୋଟିଏ ବାଳକକୁ ଏକୁଟିଆ ପାଇ ମାରିବାରେ କି ବୀରତ୍ୱ ଅଛି ? ତୁମେମାନେ ଏଥିପାଇଁ ଲଜ୍ଜିତ ହେବା ଉଚିତ । ତୁମର କିଛି ଭଲ ଦଶା ନାହିଁ"—କହି ତାଙ୍କର ଅସ୍ତ୍ରଶସ୍ତ୍ର ପକାଇ ଦେଇ ଯୁଦ୍ଧଭୂମିରୁ ଚାଲିଗଲେ ।



Digitized by srujanika@gmail.com

ଲବ ଓ କୁଶ

ସବୁଜ ବଣ ମଝିରେ ଗୋଟେ କୁଡ଼ିଆଟିଏ । କୁଡ଼ିଆଟି ସାମ୍ନାରେ କେତେକ ବାଳକ ଖେଳୁଥାନ୍ତି । ସେମାନଙ୍କ ମଧ୍ୟରୁ କେତେକ ଋଷିପୁତ୍ର ଓ ଜଙ୍ଗଲ ବାସିନ୍ଦାମାନଙ୍କ ସନ୍ତାନ । ସେମାନେ ଖେଳରେ ମାତିଥିବା ବେଳେ ଦେଖିଲେ ହଠାତ୍ ଧୂଳିରେ ଆକାଶ ଢାଙ୍କି ହୋଇଗଲା । ତାଙ୍କ ମଧ୍ୟରୁ ଜଣେ ଡରିଯାଇ ପାଟିକଲା, "ଦୌଡ଼ ଦୌଡ଼, ପଳାଇଯିବା; ସୈନ୍ୟବାହିନୀ ମାଡ଼ିଆସୁଛି ।" ତା କଥାକୁ କେହି କାନ ନ ଦେଇ ଖେଳରେ ଲାଗିଲେ ।

Digitized by srujanika@gmail.com

ଅଳ୍ପ କିଛି କ୍ଷଣ ପରେ ଗୋଟିଏ ସୁନ୍ଦର କଳା ଘୋଡ଼ା ଦୌଡ଼ି ଦୌଡ଼ି ଆସିଲା । ସେ ଘୋଡ଼ାଟିର କପାଳରେ ଗୋଟିଏ ସୁନା ପଟ୍ଟୀରେ ଲେଖାଥାଏ—"ଏ ଘୋଡ଼ା ଅଯୋଧାର ମହାରାଜା ରାମଚନ୍ଦ୍ରଙ୍କର । ବୀର ଶତ୍ରୁଘ୍ନ ଏହାର ରକ୍ଷକ । ଯେଉଁ ଯେଉଁ ଦେଶ ଦେଇ ଏ ଯିବ, ସେହି ରାଜ୍ୟମାନ ରାମଚନ୍ଦ୍ରଙ୍କର ଆଧିପତ୍ୟରେ ଆସିବ । ଯିଏ ମହାରାଜାଙ୍କ କ୍ଷମତାର ପ୍ରତିଦ୍ୱନ୍ଦ୍ୱୀ ସେ ଘୋଡ଼ାକୁ ଧରିରଖି ଘୋଡ଼ା ପଛେ ପଛେ ଯାଉଥିବା ସୈନ୍ୟବାହିନୀଙ୍କ ସଙ୍ଗେ ଯୁଦ୍ଧ କରିବାକୁ ପ୍ରସ୍ତୁତ ହେଉ ।"

ଏ କଥା ପଢ଼ି ପିଲାମାନଙ୍କ ମଧ୍ୟରୁ ଜଣେ ହସରେ ଫାଟିପଡ଼ିଲା । ସେ ଧନୁ ଉଠାଇ ସାଥୀମାନଙ୍କୁ କହିଲା, "ଏ ଘୋଡ଼ା ଆସିଛି ଆମର ଏ ଜଙ୍ଗଲକୁ ଅଯୋଧା ମହାରାଜାଙ୍କ ପାଇଁ ଦାବି କରିବାକୁ । ଆମେ କାହିଁକି ତାକୁ ଏପରି କରିବାକୁ ସୁଯୋଗ ଦେବା ?"

ଏହି ବାଳକଟିର ନାମ ଲବ । ସେ ଏ ଘୋଡ଼ାକୁ ଧରି ତା ଲଗାମ ନେଇ ଗୋଟିଏ ଗଛରେ ବାନ୍ଧିପକାଇଲା । ସୈନ୍ୟମାନେ ସେଠାରେ ପହଞ୍ଚି ଭାବିଲେ କୌଣସି ପିଲା ତାକୁ କୌତୁକରେ ବାନ୍ଧିପକାଇଛି । ସେମାନେ ଆଗେଇଗଲେ ତାକୁ ଖୋଲିବା ପାଇଁ । ସେମାନେ କେଇ ପାଦ ଯାଇଛନ୍ତି କି ନାହିଁ, ଲବ ତାଙ୍କ ଧନୁରୁ ଶର ଛୁଟାଇଦେଲେ ।

ସୈନ୍ୟମାନେ ରେଗିଯାଇ ଲବଙ୍କ ଆଡ଼କୁ କ୍ରୁଦ୍ଧ ହୋଇ ଅନାଇଲେ । ଲବ ଗମ୍ଭୀର ଗଳାରେ କହିଲେ, "ମୁଁ ଏ ଘୋଡ଼ାକୁ ବାନ୍ଧିଛି । ଯେ ଏହାକୁ ଖୋଲିବ, ତାକୁ ଜୀବନ ଦେଇ ଏହାର ଜବାବ ଦେବାକୁ ପଡ଼ିବ ।"

ଲବଙ୍କର ସାହସରେ ଦବିଯାଇ ସୈନ୍ୟମାନେ ତାଙ୍କର ସେନାପତି ଶତ୍ରୁଘ୍ନଙ୍କ ପାଖକୁ ଧାଇଁଲେ । ସେ ତାଙ୍କର ଉପସେନାପତି କାଳଜିତ୍‌ଙ୍କୁ ଆଦେଶ ଦେଲେ ଯୁଦ୍ଧ ପାଇଁ ପ୍ରସ୍ତୁତ ହେବାକୁ । କାଳଜିତ୍ ସୈନ୍ୟଙ୍କୁ ପ୍ରସ୍ତୁତ କଲେ ଓ ଆଗ ଲବଙ୍କୁ ବୁଝାଇବାକୁ ଚେଷ୍ଟା କଲେ । ଲବ ମାନିଲେ ନାହିଁ । ଉପାୟ ଶୂନ୍ୟ ହୋଇ ସେ ସୈନ୍ୟମାନଙ୍କୁ ଆଦେଶ ଦେଲେ ଯୁଦ୍ଧ କରିବା ପାଇଁ । ସୈନ୍ୟମାନେ ପାଦେ ଅଗ୍ରସର ହୋଇଛନ୍ତି କି ନାହିଁ, ଲବଙ୍କ ଶରବର୍ଷାରେ ମୃତାହତ ହୋଇ ପଳାଇବାକୁ ଆରମ୍ଭ କଲେ । କାଳଜିତ୍ ତାଙ୍କର ଖଣ୍ଡା ବାହାର କରି ଲବଙ୍କୁ ଯୁଦ୍ଧ କରିବାକୁ ଡାକିଲେ । ଲବ ହସିଦେଇ ଗୋଟିଏ ଶର କାଢ଼ି ସିଧା କାଳଜିତ୍‌ଙ୍କ ଛାତିକୁ ବିନ୍ଧି ଦେଲେ । କାଳଜିତ ତଳେ ପଡ଼ି ଛଟପଟ ହୋଇ ମରିଗଲେ ।

Digitized by srujanika@gmail.com

Digitized by srujanika@gmail.com

ସୈନ୍ୟମାନେ ଧାଇଁଯାଇ ଶତ୍ରୁଘ୍ନଙ୍କୁ ଖବର ଦେଲେ । ସେ ଏ ଦୁଃସମ୍ବାଦ ପାଇ ଚମକି ପଡ଼ିଲେ । ହନୁମାନ, ସୁଗ୍ରୀବ, ଅଙ୍ଗଦ ଆଦି ବୀରମାନଙ୍କୁ ନେଇ ସେ ଯୁଦ୍ଧଭୂମିକି ଗଲେ ।

Digitized by srujanika@gmail.com

ବାଳକ-ଲବଙ୍କୁ ଯୁଦ୍ଧ-ପୋଷାକରେ ଦେଖି ଶତ୍ରୁଘ୍ନ ଆଶ୍ଚର୍ଯ୍ୟ ହୋଇଗଲେ । ଲବଙ୍କ ବାହାଦୁରି ଦେଖି ସେ ବାକ୍‌ଶୂନ୍ୟ ହୋଇଗଲେ । ମାତ୍ର ଯୁଦ୍ଧକ୍ଷେତ୍ରରେ ସ୍ନେହ ବା ଭାବନା ପାଇଁ ବେଳ କାହିଁ ? ସେ ତାଙ୍କର ସେନାପତି ପୁଷ୍କଳଙ୍କୁ ଆଦେଶ ଦେଲେ ଯୁଦ୍ଧ କରିବା ପାଇଁ । ପୁଷ୍କଳ ବୀର ଯୋଦ୍ଧା ହେଲେ ମଧ୍ୟ ଲବଙ୍କ ପାଖରେ ପରାସ୍ତ ହେଲେ ।

ହନୁମାନ ଏହା ଦେଖି ସମ୍ଭାଳି ପାରିଲେ ନାହିଁ । ସେ ଗର୍ଜନ କରି ଗୋଟିଏ ପ୍ରକାଣ୍ଡ ଗଛ ମୂଳରୁ ଉପାଡ଼ି ଲବଙ୍କ ଉପରେ ଝାମ୍ପି ପଡ଼ିଲେ । ଲବ ଅଟଳ । ଶର ଉପରେ ଶର ମାରି ଗଛଟିକୁ ଚିକି ଚିକି କରିପକାଇଲେ । ହନୁମାନ ତାଙ୍କ ଲାଙ୍ଗୁଡ଼ ଲମ୍ବାଇ ଲବଙ୍କୁ ଗୁଡ଼ାଇ ପକାଇଲେ; ତଥାପି ଲବ କାତର ହେଲେ ନାହିଁ । ସେ ହନୁମାନର ଲାଙ୍ଗୁଡ଼ ଫାଶରୁ ଡେଇଁ ପଡ଼ି ହନୁମାନଙ୍କ ଛାତିରେ ଏମିତି ଆଘାତ କଲେ ଯେ, ହନୁମାନ ପଡ଼ି ମୂର୍ଚ୍ଛା-ହୋଇଗଲେ ।

ଶତ୍ରୁଘ୍ନ ବର୍ତ୍ତମାନ ପ୍ରକୃତରେ ବିବ୍ରତ ହୋଇପଡ଼ିଲେ । ସାମାନ୍ୟ ବାଳକ ଏପରି ନିପୁଣ ଯୋଦ୍ଧା କିପରି ହେଲା ? ଶତ୍ରୁଘ୍ନ ଆଗେଇବା ଦେଖି ଲବ ବିଦ୍ରୂପମିଶା ହସ ହସି ଶର-ବର୍ଷଣ କଲେ ।

ଶତ୍ରୁଘ୍ନ ଆଘାତ ପାଇ ପଡ଼ିଗଲେ । ସୈନ୍ୟମାନେ କ୍ଷିପ୍ତ ହୋଇପଡ଼ିଲେ । କିଛି ସୈନ୍ୟ ଲବଙ୍କୁ ଆକ୍ରମଣ କଲେ; କିନ୍ତୁ ତାଙ୍କୁ ହରାଇବା ସେମାନଙ୍କ ପକ୍ଷରେ ସମ୍ଭବ ନୁହେଁ । ଏଥିମଧ୍ୟରେ ଶତ୍ରୁଘ୍ନଙ୍କର ଚେତନା ଫେରିଆସିଥିଲା । ରାମ ତାଙ୍କୁ ଦେଇଥିବା ଶରଟି ବାହାର କରି ସେ ଲବଙ୍କୁ ମାରିଲେ । ଶର ତାଙ୍କ ଛାତିରେ ବାଜିବାରୁ ସେ ଅଚେତନ ହୋଇପଡ଼ିଲେ । ଲବଙ୍କ ସାଥୀମାନେ ଲଢ଼େଇ ସମୟରେ ଯାଇ ଗଛ ଉପରେ ବସିଥିଲେ । ସେମାନେ ଲବଙ୍କୁ ଅଚେତ ହେବାର ଦେଖି ଗଛରୁ ଓହ୍ଲାଇ ଆଶ୍ରମ ଆଡ଼କୁ ଦୌଡ଼ିଲେ ।

ଋଷି ବାଲ୍ମୀକିଙ୍କ ଆଶ୍ରମ । ଏଠି ଲବ-କୁଶ ତାଙ୍କ ମାତା ସୀତାଙ୍କ ସଙ୍ଗରେ ରହୁଥିଲେ । ସୀତା ଗୃହକାର୍ଯ୍ୟରେ ବ୍ୟସ୍ତ

Digitized by srujanika@gmail.com

ଥିଲେ । କୁଶ ସେଇ କୁଡ଼ିଆ ପାଖରେ ଖେଳୁଥିଲେ । ଲବ ଆହତ ହେବା କଥା ଶୁଣି ସୀତାଙ୍କ ଆଖି ଲୋତକପୂର୍ଣ୍ଣ ହୋଇଗଲା । କୁଶ ତାଙ୍କୁ ସାନ୍ତ୍ୱନା ଦେଲେ—"କାନ୍ଦ ନାହିଁ ମା ! ମୁଁ ଯାଇ ଲବର ଖବର ଆଣୁଛି" କହି ତାଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇ ଯୁଦ୍ଧଭୂମି ଆଡ଼କୁ ଦୌଡ଼ିଗଲେ ।

ଲବଙ୍କର ଚେତନା ଫେରିଆସିଥିଲା । ସେ କୁଶଙ୍କୁ ଦେଖି କୁଣ୍ଢାଇ ପକାଇଲେ । ଦୁଇ ଭାଇ ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇଗଲେ ।

ହନୁମାନଙ୍କର ମଧ୍ୟ ଏ ଭିତରେ ଚେତନା ଫେରିଆସିଥିଲା । ସେ ଖଣ୍ଡେ ବଡ଼ ପଥର ଧରି ଧାଇଁଆସିଲେ । ଅଙ୍ଗଦ ମଧ୍ୟ ଆକ୍ରମଣ କଲେ । ଲବ କୁଶ ଆଣ୍ଠେଇ ପଡ଼ି ଗୋଟିକ ପରେ ଗୋଟିଏ ତୀର ମାରି ଚାଲିଲେ । ହନୁମାନ, ଅଙ୍ଗଦ, ଶତ୍ରୁଘ୍ନ ସମସ୍ତେ ଆହତ ହେଲେ । ସାରା ସୈନ୍ୟବାହିନୀ କ୍ଷତ ବିକ୍ଷତ ବା ମୃତ ହେଲେ ।

ଜୟ ଲାଭ କରି ଦୁଇ ଭାଇ ଆନନ୍ଦ-ବିଭୋର । ଘୋଡ଼ା ଆଡ଼କୁ ଶେଷଥର ଚାହିଁ ଘର ଆଡ଼କୁ ବାହୁଡ଼ିଲା ବେଳେ ଜୟର ଚିହ୍ନ ସ୍ୱରୂପ କିଛି ନେଇଯିବେ ଭାବି ଶତ୍ରୁଘ୍ନଙ୍କର ଲୁହା ଟୋପିରେ ଥିବା ବଡ଼ ହୀରାଟି କାଢ଼ିନେଲେ ।

ହନୁମାନ ଓ ସୁଗ୍ରୀବଙ୍କ ଲାଙ୍ଗୁଡ଼ ଧରି ଘୋସାରି ଘୋସାରି ଆଶ୍ରମ ଆଡ଼କୁ ଗଢକଲେ । ସୀତା ଦୂରରୁ ଦୁଇ ପୁଅଙ୍କ କାମ ଦେଖି ହସ ସମ୍ଭାଳି ପାରିଲେ ନାହିଁ । ମାଆ ପାଖକୁ ଆସିଲାରୁ ହନୁମାନ ଓ ସୁଗ୍ରୀବଙ୍କୁ ଚିହ୍ନିପାରି ବିଚଳିତ ହୋଇପଡ଼ିଲେ । ପୁଅ ଦୁହିଁଙ୍କୁ ତାଡ଼ନା କରି ହନୁମାନ ଓ ସୁଗ୍ରୀବଙ୍କର ପରିଚୟ ଦେଲେ । ଘୋଡ଼ାଟି କାହାର ବୁଝିପାରି ସେ କହିଲେ, "ପିଲାମାନେ, ଏ ଘୋଡ଼ା ତମ ବାପାଙ୍କର । ତମେମାନେ ତାକୁ ସାଙ୍ଗେ ସାଙ୍ଗେ ଛାଡ଼ିଦିଅ ।"

ଲବ କୁଶ ବାପାଙ୍କ କଥା ଶୁଣି ଆନନ୍ଦରେ ବିଭୋଳ ହୋଇ କହିଲେ, "ଆମେ କ୍ଷତ୍ର ପୁତ୍ର ଉଚିତ କାମ କରିଛୁ ।" ସୀତାଙ୍କ ମନ ଚିନ୍ତାକୁଳ—ରାମ ଏସବୁ ଶୁଣି କ'ଣ ମନେ କରିବେ ? ତାଙ୍କର ଦୈବଶକ୍ତିବଳରେ ତାଙ୍କ ପୁଅମାନଙ୍କ ହାତରେ ନିହତ ସୈନ୍ୟମାନଙ୍କୁ ସେ ଜୀବନ୍ତ କରିଦେଲେ ।

Digitized by srujanika@gmail.com

ଏହିମଧ୍ୟରେ ଶତ୍ରୁଘ୍ନଙ୍କର ଜ୍ଞାନ ଫେରଆସିଥିଲା । ସେ ଧୀରେ ଧୀରେ ରାମଚନ୍ଦ୍ରଙ୍କ ଅଗୋଚରରେ ଘୋଡ଼ାକୁ ଫିଟାଇ ନେଇ ଅଯୋଧ୍ୟା ଫେରଯାଇଥିଲେ ।

ସେ କାଳର ଯଜ୍ଞ ଅନୁଯାୟୀ ଘୋଡ଼ା ନିରାପଦରେ ଫେରଆସିଲେ ରାଜସୂୟ ଯଜ୍ଞ ପାଳନ କରାଯାଉଥିଲା । ଋଷି ବାଲ୍ମୀକି ଏହି ଯଜ୍ଞକୁ ଆମନ୍ତ୍ରିତ ହୋଇଥିଲେ । ସେ ଲବ, କୁଶଙ୍କୁ ସଙ୍ଗରେ ଧରି ଅଯୋଧ୍ୟାକୁ ଆସିଲେ ।

ଆଶ୍ରମରେ ଲବ କୁଶ ରାମାୟଣ ପାଠକରି ଏହା ମୁଖସ୍ଥ କରିଥିଲେ । ମଧୁର ସଙ୍ଗୀତ-ଛନ୍ଦରେ ରାମାୟଣ ଗାଇ ଗାଇ ସେମାନେ ଅଯୋଧ୍ୟାରେ ପହଞ୍ଚିଲେ । ସେମାନେ ଏତେ ସୁନ୍ଦର କଣ୍ଠରେ ଗାଉଥିଲେ ଯେ ଲୋକମାନେ ତାଙ୍କ ଗାନ ଶୁଣିବାକୁ ଆସି ଜମାହୋଇଗଲେ ।

ଯେବେ ଲବ କୁଶ ରାଜାଙ୍କ ନଅରବାଟେ ରାମାୟଣ ଗାଇ ଗାଇ ଯାଉଥିବାବେଳେ ରାମଚନ୍ଦ୍ର ନିଜେ ତାହା ଶୁଣି ମୁଗ୍ଧ ହୋଇ ନଅର ଭିତରକୁ ସେ ଦୁହିଁଙ୍କୁ ଡାକିନେଲେ । ଲବ କୁଶ ରାମାୟଣ ଗାନ କରି ରାମଚନ୍ଦ୍ରଙ୍କୁ ଶୁଣାଇଲେ । ରାମଚନ୍ଦ୍ର ଖୁସି ହୋଇ କିଛି ପୁରସ୍କାର ଦେବାକୁ ଚାହିଁବାରୁ ସେମାନେ ଗ୍ରହଣ ନ କରି କହିଲେ, "ଆମର ରାମାୟଣ ଗାନ ଯଦି ଆପଣଙ୍କର ପସନ୍ଦ ହୋଇଛି, ତେବେ ଆପଣଙ୍କର ସବୁ ପ୍ରଜାଙ୍କୁ ତାହା ଶୁଣାଇବାକୁ ଆମକୁ ସୁଯୋଗ ଦିଅନ୍ତୁ । ସେଇ ଆମର ପୁରସ୍କାର ହେବ ।" ରାମଚନ୍ଦ୍ର ରାଜି ହେଲେ । ଶ୍ରୋତାମାନଙ୍କ ହୃଦୟ ରାମାୟଣ ଶୁଣି ତରଳିଗଲା ।

ଅଯୋଧ୍ୟାବାସୀ ପିଲା ଦୁଇଟିଙ୍କୁ ଭୂରି ଭୂରି ପ୍ରଶଂସା କଲେ । ସେମାନଙ୍କ ନାମ ଘରେ ଘରେ ଜପାମାଳୀ ହୋଇଗଲା । ରାମାୟଣ ଶୁଣି ରାମଙ୍କ ମନ ଦୁଃଖରେ ଭରିଗଲା । ତାଙ୍କର ସ୍ତ୍ରୀ ସୀତାଙ୍କ କଥା ବହୁତ ମନେପଡ଼ିଲା । ବାଲ୍ମୀକି ସୁଯୋଗ ଦେଖି ରାମଙ୍କ ଆଗରେ ସବୁ କଥା ପ୍ରକାଶ କଲେ : ରାମ ଯେତେବେଳେ ସୀତାଙ୍କୁ ତ୍ୟାଗ କରି ଲକ୍ଷ୍ମଣଙ୍କ ସାଙ୍ଗରେ ବନକୁ ପଠାଇଦେଇଥିଲେ ସେ ଯାଇ ବାଲ୍ମୀକିଙ୍କ ଆଶ୍ରମରେ ରହିଲେ । ଲବ କୁଶ ସେଇଠି ଜନ୍ମ ହେଲେ । ସୀତା ଲବ କୁଶଙ୍କର ମାତା ।

ରାମ ଆନନ୍ଦବିଭୋର ହୋଇ ଲବ-କୁଶଙ୍କୁ ଆଲିଙ୍ଗନ କଲେ । ପିଲା ଦୁଇଟିର ବୁଦ୍ଧି, ବାହାଦୁରୀ ଓ ସୁନ୍ଦର ରୂପ ଦେଖି ସେ ମୁଗ୍ଧ ହୋଇଥିଲେ । ଏ ଦୁହେଁ ତାଙ୍କରି

Digitized by srujanika@gmail.com

ପୁଅ ଜାଣି ତାଙ୍କର ଆନନ୍ଦର ସୀମା ରହିଲା ନାହିଁ । ସୀତା ଅଯୋଧ୍ୟାକୁ ଫେରି ଆସିଲେ । ଅଯୋଧ୍ୟାବାସୀ ଆନନ୍ଦରେ ବିଭୋର ହୋଇ ତାଙ୍କର ସ୍ୱାଗତ କଲେ ।

Digitized by srujanika@gmail.com

ଭରତ ଓ ସିଂହଛୁଆ

ପୁରୁବଂଶର ରାଜା ଦୁଷ୍ମନ୍ତ ବୀର, ସୁନ୍ଦର ଓ ଉତ୍ତମ ପ୍ରକୃତର ଥିଲେ । ଇନ୍ଦ୍ର ମଧ୍ୟ ତାଙ୍କୁ ସମ୍ମାନ ଦେଖାଉଥିଲେ ଓ ଦରକାରବେଳେ ତାଙ୍କ ସାହାଯ୍ୟ ଲୋଡୁଥିଲେ । ଥରେ ସେ ତାଙ୍କ ରଥରେ ବସି ଦେବତା ଓ ଅସୁରମାନଙ୍କ ଯୁଦ୍ଧରୁ ଫେରୁଥିଲେ । ରଥ ତଳକୁ ଓହ୍ଲାଇଲାବେଳେ ରାଜା ଧରଣୀର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇଗଲେ । ରଥ ଆସି ଋଷି ମାରୀଚଙ୍କ ଆଶ୍ରମ ଆଗରେ ରହିଲା । ଦୁଷ୍ମନ୍ତ ଋଷିଙ୍କୁ ଅଭିବାଦନ ଜଣାଇବାକୁ ଗଲେ ।

ସେ ହଠାତ୍ ଗୋଟିଏ ସ୍ତ୍ରୀଲୋକର କଣ୍ଠସ୍ୱର ଶୁଣିଲେ, "ସେମିତ କରନା ବାପ, ସେ ସିଂହଛୁଆକୁ ଛାଡ଼ି ଦେ ।"

ରାଜା ବୁଲିପଡ଼ି ଦେଖିଲେ ଗୋଟିଏ କୌତୁକିଆ ସୁନ୍ଦର ଶ୍ରେଷ୍ଠ ବାଳକ ସିଂହଛୁଆଟିଏ ଧରି କହୁଛି, "ମୁହଁ ଖୋଲ, ତୋର କେତୋଟା ଦାନ୍ତ ଅଛି ମୁଁ ଗଣିବି ।"

ଆଶ୍ରମର ଦୁଇଜଣ ସ୍ତ୍ରୀଲୋକ ସେ ପିଲାଟିକୁ ସେଠାରୁ ନେଇଯିବାକୁ ଚେଷ୍ଟା କରୁଥାନ୍ତି । ରାଜା ଏ ଦୃଶ୍ୟ ଦେଖି ଆଖି ଫେରାଇ ପାରିଲେ ନାହିଁ । ତାଙ୍କର ହୃଦୟ ସ୍ନେହରେ ବିଗଳିତ ହୋଇଗଲା । ତାଙ୍କର ଇଚ୍ଛା ହେଉଥିଲା ପିଲାଟିକୁ ଧରି ଆଦର କରିବାକୁ । ସ୍ତ୍ରୀଲୋକ ଦୁହେଁ ପିଲାଟିକୁ ଅଟକାଇବାକୁ କହୁଲେ, "ବାପ ଭରତ, ସିଂହଛୁଆକୁ ଛାଡ଼ି ଦେ; ନହେଲେ ତା ମା ଆସି ତତେ ଆକ୍ରମଣ କରିବ ।"

"କିଏ ମାଇ ସିଂହଟାକୁ ଡରୁଛି ?" ଭରତ ଉତ୍ତର ଦେଲେ ।

Digitized by srujanika@gmail.com

ପିଲଟି ସମ୍ପୂର୍ଣ୍ଣ ନିର୍ଭୀକ । ତାକୁ ଡରାଇବା ବୃଥା ଦେଖି ଭୁଲାଇବା ଛଳରେ ସେ ସ୍ତ୍ରୀଲୋକଟି ପୁଣି କହିଲା, "ଛୁ ସିଂହଛୁଆକୁ ଛାଡ଼ିଦେ ବାପ, ମୁଁ ତତେ ଗୋଟିଏ ବଢ଼ିଆ ଖେଳଣା ଦେବି ।" ଭରତ ଏତେ ସହଜରେ ମାନିବା ପିଲା ନୁହେଁ । ସେ ହାତ ବଢ଼ାଇ କହିଲା, "ମତେ ଆଗ ଖେଳଣା ଦିଅ ।"

ଦୁଷ୍ମନ୍ତ ନୀରବରେ ସବୁ ଦେଖୁଥିଲେ । ସେ ଭରତର ହାତର ରେଖା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ଏ ତ ସାଧାରଣ ପିଲା ନୁହେଁ ! ତା'ଠି ମହାନ୍ ସମ୍ରାଟ ହେବାର ସବୁ ଲକ୍ଷଣ ଥିଲା । ସେ ଏ ଋଷି ଆଶ୍ରମରେ କ'ଣ କରୁଛି ?

Digitized by srujanika@gmail.com

ତାଙ୍କ ମଧ୍ୟରୁ ଜଣେ ସ୍ତ୍ରୀଲୋକ "ଏମିତରେ ସେ ବୁଝିବ ନାହିଁ । ମୁଁ ଯାଇ ମାଟି ମୟୂରଟି ନେଇଆସେ" କହି ଆଶ୍ରମ ଆଡ଼କୁ ଚାଲିଗଲା ।

ଅନ୍ୟ ସ୍ତ୍ରୀଲୋକଟିର ଆଖି ରାଜାଙ୍କ ଉପରେ ପଡ଼ିବାରୁ ସେ ଆଶ୍ୱାସନା ପାଇ କହିଲା, "ଏ ପିଲାଟିକୁ ଟିକିଏ ବୁଝାଇ ଦିଅନ୍ତୁ; ହୁଏତ ଆପଣଙ୍କ କଥା ମାନି ସେ ସିଂହଛୁଆଟିକୁ ଛାଡ଼ିଦେବ ।"

ରାଜା ହସ ହସ ମୁହଁରେ କହିଲେ, "ମୋତେ ଆଗ ଏ ପିଲାଟିର ପରିଚୟ ଦିଅ । ସେ ରାଜବଂଶର ରାଜକୁମାରପରି ଦିଶୁଛି ।"

"ଆପଣ ଠିକ୍ ଅନୁମାନ କରିଛନ୍ତି ଆର୍ଯ୍ୟ ! ଭରତ ପୁରୁବଂଶର ରାଜକୁମାର ।"

Digitized by srujanika@gmail.com

ରାଜାଙ୍କ କାନରେ ସେହି କଥା ପ୍ରତିଧ୍ୱନିତ ହେବାକୁ ଲାଗିଲା—"ପୁରୁବଂଶର ରାଜକୁମାର !" ଏହି ମଧ୍ୟରେ ଆଉ ସ୍ତ୍ରୀଲୋକଟି ମାଟି-ମୟୂରଟିଏ ନେଇ ଭରତର ହାତକୁ ବଢ଼ାଇଦେବାକୁ ଯାଉଥିବାବେଳେ ହଠାତ୍ ଚିତ୍କାର କରି ଉଠିଲା, "ଭରତ, ତୋର ତାବିଜ କୁଆଡ଼େ ଗଲା ? ତୁ ପ୍ରକୃତରେ ବଡ଼ ଦୁଷ୍ଟ ହେଲୁଣି !" ସମସ୍ତେ ମିଶି ତାବିଜ ଖୋଜିବାରେ ଲାଗିଲେ । ରାଜା ଦୁଷ୍ମନ୍ତ ମଧ୍ୟ ଚାରିଆଡ଼େ ଖୋଜି ଶେଷରେ ତାବିଜଟି ଦେଖି 'ମୁଁ ପାଇଲି' କହି ନଇଁପଡ଼ି ଉଠାଇ ନେଲେ । ସ୍ତ୍ରୀଲୋକଟି ତାଙ୍କୁ ଅବାକ୍ ହୋଇ ଚାହିଁ ରହିଲା ।

"କ'ଣ ହେଲା ? ମୋତେ କାହିଁକି ଏପରି ଅନାଇଛ ?"—ରାଜା ପଚାରିଲେ ।

ସ୍ତ୍ରୀଲୋକଟି ପ୍ରକୃତିସ୍ଥ ହୋଇ କହିଲା, "ଋଷି ମାରୀଚ ଯେତେବେଳେ ଭରତଙ୍କ ହାତରେ ସେ ତାବିଜ ବାନ୍ଧିଦେଇଥିଲେ, ସେତେବେଳେ ସେ କହିଥିଲେ ଯେ, ଯଦି ଏ ତାବିଜ କେବେ ତା' ହାତରୁ ପଡ଼ିଯାଏ ସେ ତାବିଜକୁ କେବଳ ଭରତର ମାତା-ପିତା ଉଠାଇ ପାରିବେ । ଅନ୍ୟ କେହି ଛୁଇଁଲେ ସେ ତାବିଜ ସାପ ହୋଇ ଉଠାଇଥିବା ଲୋକକୁ ଦଂଶିବ ।"

ଦୁଷ୍ମନ୍ତ ତତ୍କ୍ଷଣାତ୍ ଜାଣିପାରିଲେ ଯେ ଭରତ ତାଙ୍କର ପୁଅ—ସେଥିପାଇଁ ତାକୁ ଦେଖି ଦେଖି ତାଙ୍କ ହୃଦୟ ସ୍ନେହରେ ପୂରିଉଠିଥିଲା । ଭରତ ହଠାତ୍ ବ୍ୟସ୍ତ ହୋଇ ମା'ଙ୍କ ପାଖକୁ ଯିବାକୁ ଅଝଟ କଲେ ।

"ଆ ପୁଅ, ଆମେ ଦୁହେଁ ତୋ ମା ପାଖକୁ ଯିବା", ଦୁଷ୍ମନ୍ତ ଅତ୍ୟନ୍ତ ଶ୍ରଦ୍ଧାରେ କହିଲେ ।

"ମତେ ତମେ ପୁଅ କୁହ ନାହିଁ । ମୋର ବାପା ତ ରାଜା ଦୁଷ୍ମନ୍ତ ।"—ଭରତ କହିଲେ ।

ଆଶ୍ରମ ଆଡ଼କୁ ଅଗ୍ରସର ହେଉ ହେଉ ଦୁଷ୍ମନ୍ତଙ୍କର ସମସ୍ତ ଅତୀତ କଥା ମନେ ପଡ଼ିଲା । ସ୍ପଷ୍ଟଭାବରେ ମନେପଡ଼ିଲା, ଯେଉଁଦିନ ଶକୁନ୍ତଳା ତାଙ୍କ ରାଜଦରବାରକୁ ଆସିଥିଲେ; ସେ

Digitized by srujanika@gmail.com



Digitized by srujanika@gmail.com

ତାଙ୍କୁ ଚିହ୍ନି ପାରି ନଥିଲେ । କେମିତି ତାଙ୍କୁ ଭୁଲିଯାଇଥିଲେ ସେ ? ନିଶ୍ଚୟ କେତେ କଷ୍ଟ ପାଉଥିବ । କିନ୍ତୁ ସେ ଋଷି ମାରୀଚଙ୍କ ଆଶ୍ରମରେ କାହିଁକି ଅଛନ୍ତି ? ତାଙ୍କ ପିତା କଣ୍ବଙ୍କ ପାଖରେ ରହିବାଟା କ'ଣ ଅସୁବିଧା ହେଲା ?

କଣ୍ବ ଋଷିଙ୍କ ଆଶ୍ରମରେ ସେ ଶକୁନ୍ତଳାଙ୍କୁ ପ୍ରଥମ ଥର ଭେଟିଥିଲେ । ସେ ଶିକାରକୁ ଯାଇଥିଲେ । ଗୋଟିଏ ମୃଗର ପିଛାକରି ଦୌଡ଼ି ଦୌଡ଼ି ଥକାପକା ଆଶ୍ରମରେ ଯାଇ ପହଞ୍ଚିଥିଲେ । ଶକୁନ୍ତଳା ସେତେବେଳେ ତାଙ୍କ ସଖିମାନଙ୍କ ସହଣରେ ଗଛରେ ପାଣି ଦେଉଥିଲେ ।

ଦୁଷ୍ମନ୍ତ ତାଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇଯାଇଥିଲେ । ତାଙ୍କଠୁଁ ବଳି ସୁନ୍ଦରୀ ସେ କେବେ ଦେଖି ନଥିଲେ । ପ୍ରଥମ ଦେଖାରେଇ ଦୁଷ୍ମନ୍ତ ହୃଦୟ ହରାଇ ବସିଥିଲେ । ସେ ଶକୁନ୍ତଳାଙ୍କୁ ତାଙ୍କର ରାଣୀ କରିବାକୁ ମନସ୍ଥ କଲେ । ଶକୁନ୍ତଳା ମଧ୍ୟ ଦୁଷ୍ମନ୍ତଙ୍କୁ ଦେଖି ତାଙ୍କ ପ୍ରେମରେ ପଡ଼ିଥିଲେ । ଋଷି କଣ୍ବ ତୀର୍ଥଯାତ୍ରାରେ ଯାଇଥିଲେ । ସେ ଆଶ୍ରମରେ ଦୁଷ୍ମନ୍ତ-ଶକୁନ୍ତଳାଙ୍କର ବିବାହ ହେଲା । ଦୁଷ୍ମନ୍ତ ସେଠାରେ କିଛି ଦିନ ରହି ରାଜ୍ୟକୁ ଫେରିବାକୁ ବାଧ୍ୟ ହେଲେ । କେତେ ଦିନ ବା ରାଜକାର୍ଯ୍ୟ ଛାଡ଼ି ରହିପାରିବେ ? କଣ୍ବ ସେ ପର୍ଯ୍ୟନ୍ତ ଫେରି ନଥିବାରୁ ତାଙ୍କ ଅନୁମତି ବିନା ଶକୁନ୍ତଳାଙ୍କୁ ନିଜ ସାଙ୍ଗରେ ନେଇ ପାରିଲେ ନାହିଁ । ଶକୁନ୍ତଳା ଓ ଆଶ୍ରମବାସୀମାନଙ୍କଠାରୁ ବିଦାୟ ନେଇ ସେ ଫେରିବାକୁ ବାଧ୍ୟ ହେଲେ । ଫେରିବା ପୂର୍ବରୁ ସେ ଶକୁନ୍ତଳାଙ୍କୁ ତାଙ୍କର ଗୋଟିଏ ମୁଦି ଦେଇ ପ୍ରତିଶ୍ରୁତି ଦେଇଯାଇଥିଲେ ଯେ ସେ ତାଙ୍କ ମନ୍ତ୍ରୀଙ୍କୁ ପଠାଇ ତାଙ୍କୁ ନେବାର ବ୍ୟବସ୍ଥା କରିବେ ।

ଦିନେ ଶକୁନ୍ତଳା ଭାବମଗ୍ନ ହୋଇ ବସିଥିବା ବେଳେ ଋଷି ଦୁର୍ବାସା ଆସି ପହଞ୍ଚିଲେ । ଦୁର୍ବାସା ବଡ଼ କ୍ରୋଧୀ । ସାମାନ୍ୟ ତ୍ରୁଟିରେ ସେ ରାଗିଯାଇ ଅଭିଶାପ ଦେଉଥିଲେ । ସମସ୍ତେ ତାଙ୍କୁ ଭୟ କରୁଥିଲେ । ଶକୁନ୍ତଳା ଭାବମଗ୍ନଥାଇ ତାଙ୍କୁ ନ ଦେଖିବାରୁ ସେ ରାଗିଗଲେ । ସେ ସାଙ୍ଗେ ସାଙ୍ଗେ ଅଭିଶାପ ଦେଲେ, "ତୁ ଯାହା କଥା ଭାବୁଛୁ ସେ ତତେ ଚିହ୍ନିବ ନାହିଁ ।" ଶକୁନ୍ତଳା କିନ୍ତୁ ଭାବନାରେ ଏତେ ବିଭୋର ଯେ, ସେ ଅଭିଶାପ ମଧ୍ୟ ଶୁଣିପାରିଲେ ନାହିଁ । ତାଙ୍କର ସଖି ପ୍ରିୟମ୍ବଦା ବିବ୍ରତ ହୋଇ ମିନତି କଲେ ଶକୁନ୍ତଳାଙ୍କୁ କ୍ଷମା କରିବା ପାଇଁ । ଋଷି ଦୁର୍ବାସା କହିଲେ, "ମୁଁ ତ ମୋର ବଚନ ଫେରାଇ ପାରିବ ନାହିଁ । ତେବେ ଏତକ କହୁଛି ଯେ ଦୁଷ୍ମନ୍ତ ଦେଇଥିବା କୌଣସି ଉପହାର ସେ ଦେଖିଲେ ଶକୁନ୍ତଳାଙ୍କୁ ଚିହ୍ନିପାରିବେ ।" ଏହା କହି ଦୁର୍ବାସା ଚାଲିଗଲେ ।

Digitized by srujanika@gmail.com

Digitized by srujanika@gmail.com

ଋଷି କଣ୍ୱ ତୀର୍ଥଯାତ୍ରାରୁ ଫେରି ଦୁଷ୍ମନ୍ତ ଓ ଶକୁନ୍ତଳାଙ୍କ ବିବାହ କଥା ଶୁଣି ଅତ୍ୟନ୍ତ ଆନନ୍ଦିତ ହେଲେ । ସେ ସାଙ୍ଗେ ସାଙ୍ଗେ ଶୁଭଦିନ ଠିକ୍ କରି ଶକୁନ୍ତଳାକୁ ତାଙ୍କ ସ୍ୱାମୀଙ୍କ ପାଖକୁ ପଠାଇବା ବ୍ୟବସ୍ଥା କଲେ ।

ଶକୁନ୍ତଳା ବ୍ୟଥାଭରା ହୃଦୟରେ ଆଶ୍ରମ ଛାଡ଼ିଲେ । ବାପ ପରି ଋଷି କଣ୍ୱ, ତାଙ୍କ ପକ୍ଷିମାନେ, ତାଙ୍କ ନିଜ ହାତରେ ଲଗାଇଥିବା ଗଛପତ୍ର, ତାଙ୍କ ହରିଣ—ସମସ୍ତଙ୍କଠୁ ସଜଳ ନୟନରେ ବିଦାୟ ନେଇ ଶକୁନ୍ତଳା ଦୁଇଜଣ ସନ୍ନ୍ୟାସୀଙ୍କ ସାଙ୍ଗରେ ବାହାରିଲେ ।

ଯେତେବେଳେ ଶକୁନ୍ତଳା ସନ୍ନ୍ୟାସୀ ଦୁଇଜଣଙ୍କ ସହ ଦୁଷ୍ମନ୍ତଙ୍କ ଦରବାରରେ ପହଞ୍ଚିଲେ ରାଜା ଦୁଷ୍ମନ୍ତ ତାଙ୍କୁ ଚିହ୍ନି ପାରିଲେ ନାହିଁ । ଶକୁନ୍ତଳା ତାଙ୍କ ଓଢ଼ଣା ଖୋଲିବାରୁ ସେଠାରେ ଥିବା ସମସ୍ତଙ୍କର ଆଖି ତାଙ୍କ ରୂପରେ ଝଲସିଗଲା । ଦୁଷ୍ମନ୍ତ ତଥାପି ତାଙ୍କୁ ଚିହ୍ନିପାରିଲେ ନାହିଁ । ଶକୁନ୍ତଳା ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଲେ । ତାଙ୍କର ହଠାତ୍ ଦୁଷ୍ମନ୍ତ ଦେଇଥିବା ମୁଦିକଥା ମନେପଡ଼ିଲା । ସେ ଭାବିଲେ ମୁଦି ଦେଖି ସ୍ୱାମୀ ନିଶ୍ଚୟ ଚିହ୍ନି ପାରିବେ । କିନ୍ତୁ ହାୟ, ଏ କ'ଣ ହେଲା ? ତାଙ୍କ ହାତରେ ତ ମୁଦି ନାହିଁ ! ଅପମାନିତ ହୋଇ ସେ ରାଜପ୍ରାସାଦରୁ ବାହାରିଲେ । ସେ କିପରି ଜାଣିବେ ଯେ ଦୁଷ୍ମନ୍ତ ଦୁର୍ବାସାଙ୍କ ଅଭିଶାପ ଯୋଗୁ ତାଙ୍କୁ ଚିହ୍ନି ପାରିଲେ ନାହିଁ ! ତାଙ୍କ ସଙ୍ଗୀମାନେ ତାଙ୍କୁ ଆଶ୍ରମକୁ ବାହୁଡ଼ି ଯିବାକୁ କହିଲେ; କିନ୍ତୁ ସେ ମାନିଲେ ନାହିଁ । କିପରି ତାଙ୍କ ପିତା କଣ୍ୱଙ୍କୁ ସେ ମୁହଁ ଦେଖାଇବେ ? ସନ୍ନ୍ୟାସୀମାନେ ଶକୁନ୍ତଳାଙ୍କ କଥା ମାନି ତାଙ୍କୁ ହେମକୁଣ୍ଡ ପର୍ବତ ଉପରେ ଥିବା ଋଷି ମାରୀଚଙ୍କ ଆଶ୍ରମରେ ଛାଡ଼ିଦେଇଗଲେ ।

ଶକୁନ୍ତଳା ଦୁଷ୍ମନ୍ତଙ୍କ ଦରବାରରୁ ଫେରିଯିବା ପରେ ଗୋଟିଏ ଅଦ୍ଭୁତ ଘଟଣା ଘଟିଲା । ଗୋଟିଏ କେଉଟ ରାଜାଙ୍କ ମୁଦି ବିକୁଥିଲାବେଳେ ଧରାପଡ଼ିଲା । "ମୁଁ ଚୋର ନୁହେଁ, ମୁଦି ମୁଁ ଚୋରି କରିନାହିଁ । ମାଛ ପେଟରୁ ଏ ମୁଦିଟି ବାହାରିଲା ।"—ସେ ଯେତେ କହିଲା, ତାକୁ କେହି ବିଶ୍ୱାସ କଲେ ନାହିଁ । ତାକୁ ରାଜାଙ୍କ ପାଖକୁ ନେଲେ । ରାଜା ମୁଦି ଦେଖୁ ଦେଖୁ ଚିହ୍ନିଲେ । ସେଇ ମୁଦି ସେ ଶକୁନ୍ତଳାଙ୍କୁ ଦେଇଥିଲେ । ଶକୁନ୍ତଳା ଗଙ୍ଗାସ୍ନାନ ସାରି ସୂର୍ଯ୍ୟଙ୍କୁ ପାଣି ଟେକୁଥିଲାବେଳେ ମୁଦିଟି ଖସିପଡ଼ିଥିଲା । ମାଛ ତାହା ଗିଳି ଦେଇଥିଲା ।

Digitized by srujanika@gmail.com

ଦୁଷ୍ମନ୍ତଙ୍କ ଶୋକ ଶେଷ ନାହିଁ । ସବୁବେଳେ ଶକୁନ୍ତଳାଙ୍କୁ ସ୍ମରୁଥାଆନ୍ତି । ଆତ୍ମଗ୍ଲାନିରେ ମନ ଭରା । ବର୍ତ୍ତମାନ ଶକୁନ୍ତଳା କେଉଁଠି ? ଶକୁନ୍ତଳାଙ୍କଠାରୁ କ୍ଷମାଭିକ୍ଷା କରି ତାଙ୍କୁ ରାଣୀ ଆସନରେ ନ ବସାଇବା ଯାଏ ତାଙ୍କର ଶାନ୍ତି ନାହିଁ ।

ଏତିକି ବେଳେ ଦେବତା ଓ ଦାନବମାନଙ୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବାରୁ ଇନ୍ଦ୍ରଙ୍କ ଅନୁରୋଧରେ



Digitized by srujanika@gmail.com

ସେ ଦେବତାମାନଙ୍କୁ ସାହାଯ୍ୟ କରିବାକୁ ଯାଇଥିଲେ । ସେଠୁ ଫେରିବା ବେଳେ ସେ ତାଙ୍କ ପୁଅକୁ ପାଇଲେ । ଏହି ସବୁ ପୂର୍ବ-ସ୍ମୃତି ମନେ ପକାଇ ପକାଇ ସେ ଭରତଙ୍କ ପାଖରେ ଯାଉଛନ୍ତି, ଏତିକି ବେଳେ ଶକୁନ୍ତଳା ମଧ୍ୟ ଭରତଙ୍କୁ ଖୋଜି ଖୋଜି ଆସି ସେଠି ପହଞ୍ଚିଲେ । ଭରତ ଦେଖିଲେ ତାଙ୍କ ମା ଓ ଦୁଷ୍ମନ୍ତଙ୍କର ଆଖି ଲୋତକପୂର୍ଣ୍ଣ ।

ଭରତ ପଚାରିଲେ, "ଏ ଲୋକ କିଏ ମା ? ମୋତେ କାହିଁକି ସେ ପୁଅ ବୋଲି କହୁଛନ୍ତି ?"

ଶକୁନ୍ତଳା ଆଖିରୁ ଲୁହ ପୋଛି କହିଲେ, "ହଁ ପୁଅ, ଇଏ ତୋର ବାପା । ଯା ତାଙ୍କୁ ପ୍ରଣାମ କର ।"

ଭରତ ମା-ବାପାଙ୍କ ପାଖରେ ଋଷି ମାରୀଚଙ୍କୁ ତାଙ୍କର ସଭକ୍ତି ପ୍ରଣାମ ଜଣାଇବାକୁ ଗଲେ । ଦୁଷ୍ମନ୍ତ ତାଙ୍କୁ ସମସ୍ତ କଥା କହି ଶକୁନ୍ତଳା ଓ ଭରତଙ୍କୁ ନେବା ପାଇଁ ଅନୁମତି ମାଗିଲେ । ଶୁଭଦିନରେ ଶକୁନ୍ତଳା ଓ ଭରତ ଆଶ୍ରମ ଛାଡ଼ିଲେ । ଶକୁନ୍ତଳାଙ୍କର ଏହିପରି ଆଉ ଗୋଟିଏ ଦିନ ମନେପଡ଼ିଲା, ଯେତେବେଳେ ସେ ପିତା କଣ୍ୱଙ୍କ ଆଶ୍ରମ ଛାଡ଼ି ତାଙ୍କ ସ୍ୱାମୀଙ୍କ ପାଖକୁ ଯାଇଥିଲେ । ସେ ଦୁଃଖ ଓ ଅପମାନ; କିନ୍ତୁ ଆଜି କଥା ଭିନ୍ନ । ଆଜି ଆନନ୍ଦର ଦିନ ।

ଭରତ ଆଶ୍ରମବାସୀଙ୍କଠାରୁ ବିଦାୟ ନେବାକୁ ଆସିଲାରୁ ସମସ୍ତେ ଦୁଃଖରେ ଭାଙ୍ଗି ପଡ଼ିଲେ । ଭରତ ସମସ୍ତଙ୍କର ନୟନପିତୁଳା, ଏ ଆଶ୍ରମର ଜୀବନ । ଭରତଙ୍କୁ ବ୍ୟଥାଭରା ହୃଦୟରେ ଆଶୀର୍ବାଦ କରି ଋଷି ମାରୀଚ କହିଲେ, "ଆଜି ଗୋଟିଏ ଅତ୍ୟନ୍ତ ଆନନ୍ଦର ଦିନ । ତୁ ତୋ ବାପାଙ୍କ ପାଖକୁ ଯାଉଛୁ ।" ସେ ଦୁଷ୍ମନ୍ତଙ୍କୁ କହିଲେ, "ରାଜା, ଆପଣଙ୍କ ପୁଅ ଖୁବ୍ ବିଖ୍ୟାତ ହେବ । ଭରତ ଦୁଷ୍ମନ୍ତଙ୍କ ପୁଅ ବୋଲି ଖ୍ୟାତି ଲାଭ କରିବ ନାହିଁ; ଦୁଷ୍ମନ୍ତ ଭରତଙ୍କ ବାପା ବୋଲି ଲୋକେ ମନେରଖିବେ । ମୋର ବାକ୍ୟ ସତ୍ୟ ହେବ । ଭରତ ଦୀର୍ଘାୟୁ ହୁଅନ୍ତୁ ।"

Digitized by srujanika@gmail.com

ତିନିଜଣଯାକ ରାଜ୍ୟକୁ ଫେରିଲେ । ଆନନ୍ଦ ଉତ୍ସବରେ ରାଜଧାନୀ କମ୍ପିଲା । ଫୁଲମାଳ, ଦୀପ, ତୋରଣରେ ନଗରୀ ସୁସଜ୍ଜିତ ଏମାନଙ୍କୁ ସ୍ୱାଗତ କରିବା ପାଇଁ । ଅନେକ ଦିନ ଧରି ଉତ୍ସବ ଲାଗିରହିଲା । ରାସ୍ତାଘାଟ ଆନନ୍ଦରୋଳରେ ଭରପୂର । କେହି ଖାଲି ହାତରେ ଫେରିଲେ ନାହିଁ । ଧନ-ଦରବ ବହୁତ ବଣ୍ଟାହେଲା । ଦୁଷ୍ମନ୍ତ ବହୁତ ଦିନ ଧରି ରାଜତ୍ୱ କଲେ । ତାଙ୍କ ପରେ ଭରତ ରାଜା ହେଲେ । ସେଇ ନିର୍ଭୀକ ପିଲା—ଯେ ସିଂହଛୁଆ ସାଙ୍ଗରେ ଖେଳୁଥିଲା—ତାର ରାଜ୍ୟର ସୀମା ବହୁଦୂର ପର୍ଯ୍ୟନ୍ତ ବଢ଼ାଇଲା । ସମ୍ରାଟ ଭରତ ନାମରେ ସେ ଖ୍ୟାତ ଅର୍ଜିଲେ । କୁହାଯାଏ ଯେ ତାଙ୍କ ପରେ ସମ୍ରାଟ ଭରତଙ୍କ ନାମ ଅନୁସାରେ ଭରତଙ୍କ ଦେଶ 'ଭାରତବର୍ଷ' ହୋଇଅଛି ।

Digitized by srujanika@gmail.com



ସରସ୍ୱତୀ ଆର୍ଟ ପ୍ରିଣ୍ଟର୍ସ, ଦିଲ୍ଲୀ ଠାରେ ମୁଦ୍ରିତ

Digitized by srujanika@gmail.com

ମୂଲ୍ୟ : ଟ ୫·୦୦

ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Digitized by srujanika@gmail.com